## ସ୍ୱାମୀଙ୍କ ମୃତ୍ୟୁର ୬ ଦିନରେ ଜୀବନ ହାରିଲେ ଆସନ୍ନ ପ୍ରସବା

**ସାକ୍ଷୀଗୋପାଳ,୧୬।୩(ସମିସ):** ସ୍ୱାମୀଙ୍କ ମୃତ୍ୟୁ ଦୁଃଖ ସହି ନ ପାରି ଜୀବନ ହାରିଛନ୍ତି ଜଣେ ଆସନ୍ନ ପ୍ରସବା ମହିଳା। ମୃତ ମହିଳା ହେଉଛନ୍ତି ସତ୍ୟବାଦୀ ଥାନା ମଧୁବନ ପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମପୁର ଗ୍ରାମର ସସ୍ମିତା ସାହୁ (ଟିକି)।



ଆସନ୍ତା ସପ୍ତାହରେ ତାଙ୍କର ପ୍ରସବ ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ଗତ ୧୧ ତାରିଖରେ ସସ୍ମିତାଙ୍କ ସ୍ୱାମୀ ସତ୍ୟନାରାୟଣ ସାହୁ (କୁନା) ବିଜିପୁର ଛକ ନିକଟ ଅଣ୍ଡାରସିଂହ ଗ୍ରାମ ନିକଟରେ ଏକ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଇଥିଲେ। କୁନା ତାଙ୍କ ଭାଣିଜୀ ବାହାଘରରେ ଯୋଗଦେଇ ଫେରିବା ବାଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ତାଙ୍କ ଭଣଜା ମଧ୍ୟ ଗୁରୁତର ହୋଇଥିଲେ। ଦେଢ଼ବର୍ଷ ତଳେ ସତ୍ୟନାରାୟଣଙ୍କ ବାପା ମହେଶ୍ୱର ସାହୁଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା। ପରିବାର ଉପରେ ଏଭଳି ଦୁଃଖର ପାହାଡ଼ ସସ୍ମିତାଙ୍କ ପାଇଁ ଅସହ୍ୟ ହୋଇପଡ଼ିଥିଲା। ସତ୍ୟନାରାୟଣଙ୍କ ମୃତ୍ୟୁରେ ତାଙ୍କ ମାଆ ମଧ୍ୟ ନିଜର ମାନସିକ ଭାରସାମ୍ୟ ହରାଇ ପାଗଳିନୀ ପ୍ରାୟ ହୋଇପଡ଼ିଛନ୍ତି। ବିବାହ କରି ଆସିବା ପରେ ପରିବାରରେ ବାରମ୍ବାର ଘଟୁଥିବା ଅଘଟଣକୁ ନିଜ ଆଖି ଆଗରେ ଦେଖି ଭାଙ୍ଗିପଡ଼ିବା ସହ ଜୀବନର ଚରମ ନିଷ୍ପତ୍ତି ନେଇଛନ୍ତି। ଘର ପଛପଟେ ଥିବା କେନାଲ ବନ୍ଧର ଏକ ଆମ୍ବ ଗଛରେ ଝୁଲିପଡ଼ି ନିଜର ଜୀବନ ହାରିଛନ୍ତି। ସବୁଠାରୁ ଦୁଃଖଦ ଘଟଣା ହେଉଛି ମୃତା ସସ୍ମିତା ୯ ମାସର ଗର୍ଭବତୀ ଥିଲେ। ଏହି ଘଟଣାକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସତ୍ୟବାଦୀ ଥାନା ପୁଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ ଚଳାଇଛି।

### ପିପିଲିରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର

# ସମସ୍ୟାର ସମାଧାନ ହେଉନି; ଆସୁନାହାନ୍ତି ଅଭିଯୋଗକାରୀ

**ପିପିଲି,୧୬।୩(ସମିସ)**



ସୋମବାର ପିପିଲି ବ୍ଲକ୍ ସଭାଗୃହରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ତେବେ ଆୟୋଜିତ ଶିବିରରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂ, ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲା ବେଳେ ପିପିଲି ବିଡିଓ ସରୋଜ ରାଉତ ଉପସ୍ଥିତ ଥିଲେ। ତେବେ ମଣ୍ଡି ସମସ୍ୟା, ବିଦ୍ୟୁତ୍ ଉପଭୋକ୍ତାଙ୍କ ସମସ୍ୟା ଏବଂ ପାନୀୟ ଜଳ, ଆବାସ ଯୋଜନା ଓ ନିରୁଦ୍ଦିଷ୍ଟ ତଦନ୍ତ ଦାବି ଆଦି ଅଭିଯୋଗ ଆସିଥିଲାବେଳେ ମୋଟ୍ ୩୬ଟି ଅଭିଯୋଗର ଶୁଣାଣି ହୋଇଥିଲା। ତେବେ ଜିଲ୍ଲାପାଳଙ୍କ ଜନଶୁଣାଣିରେ ପ୍ରଚାରପ୍ରସାର ଅଭାବ ସାଙ୍ଗକୁ ଅଭିଯୋଗର କିଛି ସମାଧାନ ନ ହେବାରୁ ବହୁ ଅଭିଯୋଗକାରୀ ଏହି ଜନ ଶୁଣାଣିରେ ସାମିଲ୍ ହୋଇ ନ ଥିଲେ। ଜାସୁଆପୁର ଗ୍ରାମ ପଞ୍ଚାୟତର ଆଶିଷ ବରାଳ ଅଭିଯୋଗ କରି କହିଛନ୍ତି, ପ୍ରତ୍ୟେକ ଜନଶୁଣାଣିରେ ସେ ତାଙ୍କର ଅଭିଯୋଗ କରୁଛନ୍ତି। ହଳଦିଆ କାଗଜ ନେଇ ଘରକୁ ଯାଉଛନ୍ତି। ଅନେକ ଅଭିଯୋଗକାରୀ କହିଛନ୍ତି ଜନଶୁଣାଣି ହେଉଛି, ଆମ୍ଭେମାନେ ଅଭିଯୋଗ କରୁଛୁ, ହଳଦିଆ କାଗଜ ନେଇ ମାସ ମାସ ଧରି ଅପେକ୍ଷା କରୁଛୁ। ଏହାର ସମାଧାନ କିଛି ହେଉ ନ ଥିବାର କହିଛନ୍ତି।

ଅଭିଯୋଗ ମୁତାବକ, ପିପିଲି ବ୍ଲକ୍ ୨୪ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ ପିପିଲି ବ୍ଲକ୍‌ରେ ରୁପୁଦେଇପୁର ଏବଂ ତେଇଶିପୁର ସେବା ସମବାୟ ସମିତିକୁ ମଡେଲ ସମିତି କରିବା ପାଇଁ ଦୁଇ ବର୍ଷ ହେଲା ଅନୁଦାନ ପଡ଼ିରହିଛି, କାର୍ଯ୍ୟ ହୋଇପାରୁନି। ତେଇଶିପୁର ପଞ୍ଚାୟତସ୍ତରୀୟ ମହିଳା ମହାସଂଘ ଗୃହ ନିର୍ମାଣ ପାଇଁ ଅନୁଦାନ ଆସିଛି, ଟେଣ୍ଡର ପ୍ରକ୍ରିୟା ସରିଛି, ଠିକାଦାର ନିଯୁକ୍ତି ସରିଛି ମାତ୍ର ପିପିଲି ତହସିଲ୍‌ଦାର ଜାଗା ଯୋଗାଇ ନ ଦେବାରୁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ସାତଶଙ୍ଖ ଡାକ୍ତରଖାନାର ନୂତନ ଗୃହ ନିର୍ମାଣ ସରିଛି, ମାତ୍ର ରାସ୍ତା ନ ଥିବାରୁ ତାହା ରୋଗୀଙ୍କ ସେବାରେ ଲାଗିପାରୁ ନାହିଁ। ବିଶେଷ କରି ଉଦ୍ଦେଶ୍ୟମୂଳକ ଭାବେ ଜଣେ ହୃଦ୍‌ରୋଗରେ ଆକ୍ରାନ୍ତ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯିବା ପ୍ରତିବାଦରେ ଅର୍ଜୁନସିଂପୁର ଗ୍ରାମର ଗ୍ରାମବାସୀମାନେ ବଦଳି ବାତିଲ୍ ପାଇଁ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରିଥିଲେ। କିଛି ସମସ୍ୟାର ତତ୍କାଳ ସମାଧାନ କରାଯାଇଥିଲା ବେଳେ ଆଉ କିଛି ଯଥାଶୀଘ୍ର ସମାଧାନ ପାଇଁ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ପରିଡ଼ା କହିଛନ୍ତି।

### • ଏସ୍‌ସିବି ମେଡିକାଲ ଦୁର୍ଘଟଣା ପରେ ଚେତା ପଶିଲା

## ରେବଣା ନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଗ୍ନି ନିରାପତ୍ତା ସୁରକ୍ଷା ଯାଞ୍ଚ



**ବ୍ରହ୍ମଗିରି,୧୬।୩(ସମିସ):** ସୋମବାର ଭୋର୍ ସମୟରେ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ (ଏସ୍‌ସିବି)ରେ ଅଗ୍ନିକାଣ୍ଡ ଘଟି କିଛି ଲୋକ ପ୍ରାଣ ହରାଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ସାରା ରାଜ୍ୟରେ ଅଗ୍ନି ନିରାପତ୍ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେଥିପାଇଁ ସୋମବାର ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବ୍ରହ୍ମଗିରି ବିଡିଓ, ଦୁଇ ଜଣ ଅତିରିକ୍ତ ତହସିଲ୍‌ଦାର, ଅଗ୍ନିଶମ ବାହିନୀ ମୁଖ୍ୟ, ପୁଲିସ ସହିତ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ସେଠାରେ କିଭଳି ଅଗ୍ନି ନିରାପତ୍ତା ସୁରକ୍ଷା ଠିକ୍ ଅଛି କି ନାହିଁ ତାହା ଯାଞ୍ଚ କରିଛନ୍ତି। ପରିଦର୍ଶନ କରିବା ସହିତ ଏକ କମିଟି ଗଠନ କରିଛନ୍ତି। ଆଗାମୀ ଦିନରେ ଯଦି କୌଣସି ପ୍ରକାର ଅଘଟଣ ମେଡିକାଲରେ ଘଟେ ସମସ୍ତ ପ୍ରକାର ପ୍ରସ୍ତୁତି ଗୁରୁତ୍ୱପୂର୍ଣ୍ଣ ଭାବରେ କରାଯିବ ବୋଲି ବ୍ରହ୍ମଗିରି ବିଡିଓ ମନୀଷା ଷଡ଼ଙ୍ଗୀ କହିଛନ୍ତି।

## ଏଚ୍‌ପିଭି ଟିକାକରଣ ସଚେତନତା ଶିବିର



**ଅସ୍ତରଙ୍ଗ,୧୬।୩(ସମିସ):** ବସନ୍ତ ରଞ୍ଜୁଲତା ଚାରିଟେବୁଲ ଏଜୁକେସନାଲ ଟ୍ରଷ୍ଟ ପକ୍ଷରୁ ମାଣ୍ଡୁକି ପଞ୍ଚାୟତ କନ୍‌ଫରେନ୍ସ ହଲ୍‌ରେ ଶିଶୁ ଓ ମହିଳା ସୁରକ୍ଷା ସହିତ ଏଚ୍‌ପିଭି ଟିକାକରଣ ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କୃଷ୍ଣ ଚନ୍ଦ୍ର ମିଶ୍ର, ସୂର୍ଯ୍ୟକାନ୍ତ ପଣ୍ଡା, ଅସ୍ତରଙ୍ଗ ସମନ୍ୱିତ ଶିଶୁ ବିକାଶ ବିଭାଗ କାର୍ଯ୍ୟାଳୟର ସୁପରଭାଇଜର ଜ୍ୟୋତ୍ସ୍ନା ଦାଶ ଓ ଅଞ୍ଜନା ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଞ୍ଜୟ କୁମାର ପ୍ରଧାନ, ସମାଜସେବୀ ରୋଜାଲିନ୍ ପ୍ରଧାନ, ମାଣ୍ଡୁକି ଗ୍ରାମ ପଞ୍ଚାୟତ ସରପଞ୍ଚ ରୋଜିନା ଜେନା ଓ ନାଏବ ସରପଞ୍ଚ ଦେବାଞ୍ଜଳି ଖଟୋଇ ପ୍ରମୁଖ ଯୋଗଦେଇଥିଲେ। ବକ୍ତାମାନେ କହିଥିଲେ ଯେ, ଆଜିକାଲି ଗାଁ ହେଉ କି ସହର, ଏପରିକି ବିଦ୍ୟାଳୟ ମଧ୍ୟରେ ମହିଳା ଓ ଶିଶୁ ସୁରକ୍ଷା ଏକ ଚିନ୍ତାଜନକ ସମସ୍ୟା ହୋଇପଡ଼ିଛି। ଅନେକ ସମୟରେ ଆଖି ଆଗରେ ଘଟଣା ଘଟୁଥିଲେ ମଧ୍ୟ ଭୟ ବା ସଙ୍କୋଚ କାରଣରୁ ମହିଳାମାନେ ମୁହଁ ଖୋଲିପାରୁ ନାହାନ୍ତି। ଏହି ପରିପ୍ରେକ୍ଷୀରେ ଶିଶୁ ସୁରକ୍ଷା ସହ ବାଲ୍ୟ ବିବାହକୁ ରୋକିବା ପାଇଁ ସଚେତନତା ଜରୁରୀ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଏହା ସହ ଗ୍ରାମାଞ୍ଚଳରେ ମହିଳାମାନଙ୍କ ମଧ୍ୟରେ ଗର୍ଭାଶୟ କ୍ୟାନ୍ସର ଆକ୍ରାନ୍ତ ସଂଖ୍ୟା ବଢୁଥିବା ନେଇ ଚିନ୍ତା ପ୍ରକାଶ କରାଯାଇଥିଲା। ଏହି ରୋଗର ପ୍ରତିରୋଧ ପାଇଁ ଏଚ୍‌ପିଭି ଟିକାକରଣ ଅତ୍ୟନ୍ତ ଦରକାର ବୋଲି ଡା. ସଞ୍ଜୟକୁମାର ପ୍ରଧାନ କହିଥିଲେ। ଉପସ୍ଥିତ ଅଧିକାରୀମାନେ "ଶିଶୁ ହସିଲେ ଦେଶ ହସିବ' ବୋଲି କହି ଶିଶୁ ସୁରକ୍ଷା ଓ ସଚେତନତାରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ମାଣ୍ଡୁକି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ହାଇସ୍କୁଲର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ମଧ୍ୟ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମାଣ୍ଡୁକି, ଓଲରା, ଚକ୍ରପଡ଼ା, ସାଇଙ୍ଗ, ସିଲାରୀ ଓ ଜାମ୍ବୁଗାଁ ପ୍ରଭୃତି ଗ୍ରାମରୁ ଶତାଧିକ ମହିଳା, ଅଙ୍ଗନବାଡ଼ି କର୍ମୀ ଓ ଆଶାକର୍ମୀମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମଟିକୁ ଅନୁଷ୍ଠାନର ଅଧ୍ୟକ୍ଷ ବିଶ୍ୱରଞ୍ଜନ ବିଶ୍ୱାଶ୍ରୀ ପରିଚାଳନା କରିଥିଲେ ଓ ସହଯୋଗ କରିଥିଲେ ପ୍ରଦେଶ କାଣ୍ତି।

### • ପାଣ୍ଡା ପୋଖରୀଠାରେ ଅଘଟଣ

## କାଠ ଫାଳିଆରେ ମହିଳାଙ୍କୁ ହତ୍ୟା; ଦୁଇ ଆହତ

**ବ୍ରହ୍ମଗିରି,୧୬।୩(ସମିସ):** ବ୍ରହ୍ମଗିରି ପାଣ୍ଡା ପୋଖରୀଠାରେ ଘଟିଯାଇଛି ଏକ ଅଘଟଣ। କାଠ ଫାଳିଆରେ ପିଟିପିଟି ଜଣେ ବୃଦ୍ଧାଙ୍କ ହତ୍ୟା କରାଯାଇଥିବା ଜଣାପଡ଼ିଛି। ଏଥିରେ ଆଉ ଜଣେ ମହିଳା ଓ ଜଣେ ନାବାଳିକା ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ଲକ୍ଷ୍ମୀ ଜେନା ଏବଂ ଆହତଦ୍ୱୟ ନମିତା ନାୟକ(୩୪) ଓ ବର୍ଷା ନାୟକ(୧୪) ବୋଲି ଜଣାପଡ଼ିଛି। ଆହତମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, କୃଷ୍ଣପ୍ରସାଦ ବ୍ଲକ୍ ପଣସପଦା ପଞ୍ଚାୟତ ଅନ୍ତର୍ଗତ ପାଣ୍ଡା ଗ୍ରାମରେ ଏହି ଅଘଟଣ ଘଟିଛି। ସୂଚନା ଥାଉକି, ମୃତ ଲକ୍ଷ୍ମୀ ଜେନାଙ୍କ ଝିଅ ନମିତା ସେହି ଗ୍ରାମରେ ବିବାହ କରିଥିଲା। କୌଣସି କାରଣରୁ ନମିତାଙ୍କୁ ତାଙ୍କ ସ୍ୱାମୀ ଓ ଦିଅର ମାଡ଼ ମାରିଥିବା ଶୁଣି ଲକ୍ଷ୍ମୀ ସୋମବାର ରାତି ପ୍ରାୟ ୮ଟା ୩୦ରେ ସେଠାକୁ ଯାଇଥିଲେ। ସେଠାରେ ନମିତାଙ୍କ ଦିଅରର କାଠ ଫାଳିଆ ମାଡ଼ରେ ଲକ୍ଷ୍ମୀଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଏଥିରେ ନମିତା ଏବଂ ତାଙ୍କ ଝିଅ ବର୍ଷା ଆହତ ହୋଇଛନ୍ତି। ଘଟଣାସ୍ଥଳରେ ଲକ୍ଷ୍ମୀଙ୍କ ମୃତଦେହ ପଡ଼ିରହିବା ସହ ଉତ୍ତେଜନା ପ୍ରକାଶ ପାଇଛି। ଖବର ଲେଖା ହେବା ସୁଦ୍ଧା ଅରକୁଡ଼ା ମେରାଇନ୍ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି।

## ମାଗଣା ଚକ୍ଷୁ ଚିକିତ୍ସା ଶିବିର



**କଣାସ,୧୬।୩(ସମିସ):** କଣାସ ବ୍ଲକ୍‌ର କଣାସଠାରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏକେଏସ୍‌ଏସ୍ ଏବଂ ଭୂମିକା ଚକ୍ଷୁ ଚିକିତ୍ସାଳୟ ତେଇଶିପୁରର ମିଳିତ ଆନୁକୂଲ୍ୟରେ ସୋମବାର ଦୋକୋନ୍ଧା କଲ୍ୟାଣ ମଣ୍ଡପରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ୬୨ଜଣ ଚକ୍ଷୁ ରୋଗୀ ନାମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୧୨ ଜଣଙ୍କୁ ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା। ଏମାନଙ୍କୁ ଭୂମିକା ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇ ଦିଆଯାଇଥିଲା। ଉକ୍ତ କର୍ଯ୍ୟକ୍ରମରେ ଭୂମିକା ଚକ୍ଷୁ ଚିକିତ୍ସାଳୟର ରାଜ୍ୟ ଜେନେରାଲ ମ୍ୟାନେଜର କର୍ଣ୍ଣାଟକ କେଶରୀ ଜେନା, ମ୍ୟାନେଜର କଳିଙ୍ଗ ସିଂହ, ପ୍ରମୋଦିନୀ, ଶୁଭଲକ୍ଷ୍ମୀ ସ୍ୱାଇଁ, ପ୍ରୀତି ଜେନା, ଏକେଏସ୍‌ଏସ୍‌ର ସୁବର୍ଣ୍ଣ କେଶରୀ ବଳିୟାରସିଂହ, ରଜନୀକାନ୍ତ ପାଢ଼ୀ, କୃପାସିନ୍ଧୁ ପାଇକରାୟ, ରାଧାଶ୍ୟାମ ବିଶ୍ୱାଳ, ଗୌରୀ ଦାଶ, ସୁଜାତା ବାହୁବଳେନ୍ଦ୍ର, ରଜନୀରାଣୀ ମାର୍ଥା, ସଂଯୁକ୍ତା ପ୍ରଧାନ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ।

## ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ



**ସାକ୍ଷୀଗୋପାଳ,୧୬।୩(ସମିସ):** ସତ୍ୟବାଦୀ ବିକାଶ ପରିଷଦ ଓ ସତ୍ୟବାଦୀ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ମିଳିତ ଉଦ୍ୟମରେ ବରିଷ୍ଠ ନାଗରିକମାନଙ୍କୁ ପରିଚୟପତ୍ର ବିତରଣ କାର୍ଯ୍ୟକ୍ରମ ସଭାପତି ଗୁଣ୍ଡିଚା ବରାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶ୍ରୀ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ରୂପେ ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ, ପୁରୀ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପୁରୀ ଜିଲ୍ଲା ବରିଷ୍ଠ ନାଗରିକ ଫୋରମ୍‌ର ସଭାପତି କାର୍ତ୍ତିକ କୁମାର ଦାଶ, କୋଷାଧ୍ୟକ୍ଷ ଗୋଲକ ଚନ୍ଦ୍ର ଜେନା, ସଞ୍ଜୟ କୁମାର ଦାସ, ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା, ନଟବର ଆଚାର୍ଯ୍ୟ ଓ ଗବେଷକ ଭୀମସେନ ମହାପାତ୍ର ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ଅମର ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ନିଜର ବକ୍ତବ୍ୟରେ ବରିଷ୍ଠ ନାଗରିକମାନଙ୍କ ସମାଜ ପ୍ରତି ଅବଦାନ, ସେମାନଙ୍କର ପାରିବାରିକ ଓ ସାମାଜିକ ସମସ୍ୟା, ସରକାରଙ୍କର ସେମାନଙ୍କ ପ୍ରତି ଥିବା ସହାୟତା ସମ୍ପର୍କିତ ଆଲୋଚନା କରାଯାଇଥିଲା। ୧୫୦ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଧଡ଼ିଆ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## କାକଟପୁର ବ୍ଲକ୍ ବିଜେଡି ପକ୍ଷରୁ ଇଫ୍ତାର ପାର୍ଟି

**ଗମ୍ଭାରୀପଦା,୧୬।୩(ସମିସ):** ପବିତ୍ର ରମ୍‌ଜାନ ମାସରେ ମୁସଲ୍‌ମାନ ସମ୍ପ୍ରଦାୟର ସମସ୍ତ ବ୍ୟକ୍ତି ଦିନ ତମାମ ଉପବାସ ରହି ସମାଜ ଓ ପରିବାରର ମଙ୍ଗଳ ପାଇଁ ନମାଜପାଠ କରି ଚାନ୍ଦ ଦେଖି ଓଷା ଫିଟାଇ ଥାଆନ୍ତି। ଏହାଦ୍ୱାରା ସେମାନଙ୍କର ସାମାଜିକ ବିଧିବ୍ୟବସ୍ଥା ଶୃଙ୍ଖଳିତ ହେବା ସହ ପ୍ରତ୍ୟେକ ସମ୍ପ୍ରଦାୟ ମଧ୍ୟରେ ଉନ୍ନତ ସମନ୍ୱୟ ରକ୍ଷା କରାଯାଇ ଭାଇଚାରା ବଜାୟ ରହିଥାଏ। ତେଣୁ ଏହି ଭାଇଚାରାକୁ ଅଧିକ ସୁଦୃଢ଼ କରି ସାମ୍ପ୍ରଦାୟିକ ସୌହାର୍ଦ୍ଦ ବଜାୟ ରଖିବା ପାଇଁ କାକଟପୁର ବିଜେଡି ପକ୍ଷରୁ ବ୍ଲକ୍ ସଭାପତି ପ୍ରାଣକୃଷ୍ଣ ମଲ୍ଲିକଙ୍କ ସଭାପତିତ୍ୱରେ ଚନ୍ଦନ ବଜାରସ୍ଥ ସାଇ କଲ୍ୟାଣ ମଣ୍ଡପରେ ଏକ ଇଫ୍ତାର ପାର୍ଟିର ଆୟୋଜନ ହୋଇଯାଇଛି। ମୌଲବି ଅସରଫ୍ ଉଲ୍ଲ ଆଲ୍ଲାଙ୍କ ଉଦ୍ଦେଶ୍ୟରେ ନମାଜ ପଢ଼ି ଓଷା ଫିଟାଇବା ସମ୍ପର୍କରେ ସୂଚନା ଦେଇଥିଲେ। ପରେ ସମେବେତ ଜନତା ମିଳିତ ଭାବରେ ପରସ୍ପରକୁ ଆଲିଙ୍ଗନ କରି ପରସା ଯାଇଥିବା ସୁସ୍ୱାଦୁ ଖାଦ୍ୟ ଖାଇଥିଲେ। ନିମନ୍ତ୍ରିତ ଅତିଥି ଭାବେ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ସୁହାଣପୁର ସରପଞ୍ଚ ଦୁଷ୍ମନ୍ତ ସ୍ୱାଇଁ, ବିଜେଡି ସଂଖ୍ୟାଲଘୁ ସେଲର ରାଜ୍ୟ କମିଟି ସଭ୍ୟ ଗୁଲାମ ରସୁଲ ଖାଁ, ସମାଜସେବୀ ହିମାଂଶୁ ଦୀକ୍ଷିତ ପ୍ରମୁଖ ଯୋଗଦେଇଥିଲେ। ସରଫ୍‌ରାଜ ଖାଁଙ୍କ ନେତୃତ୍ୱରେ ବିଜେଡି ଯୁବ ଛାତ୍ର ସଂଗଠନର ସଭ୍ୟମାନଙ୍କ ସହଯୋଗ କ୍ରମେ ଶୃଙ୍ଖଳିତ ଭାବରେ ଇଫ୍ତାର ପାର୍ଟି ସମାପନ କରାଯାଇଥିଲା।

## ଯୁଦ୍ଧ ବନ୍ଦ ଓ ଗ୍ୟାସ୍ ଦର ହ୍ରାସ ଦାବିରେ ସିପିଏମ୍‌ର ବିକ୍ଷୋଭ

**ବ୍ରହ୍ମଗିରି,୧୬।୩(ସମିସ):** ସୋମବାର ସିପିଏମ୍ ବ୍ରହ୍ମଗିରି ଆଞ୍ଚଳିକ କମିଟି ତରଫରୁ ଆମେରିକା ବିଶ୍ୱରେ ଚଳାଇଥିବା ଯୁଦ୍ଧ ବନ୍ଦ, ଇନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତ୍ୟାହାର ଦାବିରେ ବ୍ରହ୍ମଗିରିଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ପାର୍ଟିର ବ୍ରହ୍ମଗିରି ସମ୍ପାଦକ ପୀତବାସ ବେହେରା, ସଭାପତି ତଥା ସ୍ଥାନୀୟ ବାମପନ୍ଥୀ ନେତା ଭୀମସେନ ସ୍ୱାଇଁ, ଜିଲ୍ଲା ସମ୍ପାଦକ ଜଗନ୍ନାଥ ଦେଓ, ବିଦ୍ୟାଧର ଦଳାଇ, ସୁରେନ୍ଦ୍ର ଦଳାଇ, ରଘୁନାଥ ସାହୁ, ଦୀନବନ୍ଧୁ ପ୍ରଧାନ, ରମେଶ ବାରିକ, ଭୀମସେନ ବେହେରା, ଉମାକାନ୍ତ ଭୋଇ ବକ୍ତବ୍ୟ ରଖିଥିଲେ।



ଆମେରିକା ପାଖରେ ରାଜ୍ୟ ଓ କେନ୍ଦ୍ରରେ ବିଜେପି ସରକାର ମୁଣ୍ଡ ବିକି ଆମେରିକାକୁ ଯୁଦ୍ଧ ବନ୍ଦ କରିବାକୁ କହିପାରୁନି। ଅନ୍ୟପକ୍ଷେ ଇନ୍ଧନ ଗ୍ୟାସ୍ ବଜାରରେ ମିଳୁନାହିଁ। କଳା ବଜାରରେ ସିଲିଣ୍ଡର ଦାମ୍ ୪୦୦୦ ଟଙ୍କାରେ ଦଲାଲ ବିକ୍ରି କରୁଛନ୍ତି। ଦରଦାମ୍ ବଢ଼ିଚାଲିଛି ବୋଲି ବକ୍ତାମାନେ କହିଥିଲେ। ଏଠାରେ ଥିବା ସ୍ଥାନୀୟ ବିଜେପିର ବିଧାୟକମାନେ ନିରବଦ୍ରଷ୍ଟା। ଏଣୁ ନରେନ୍ଦ୍ର ମୋଦୀଙ୍କ ସହ ସ୍ଥାନୀୟ ବିଧାୟକଙ୍କୁ ନିନ୍ଦା କରିଛନ୍ତି ଉପସ୍ଥିତ ବକ୍ତାମାନେ।

## ବ୍ରାହ୍ମଣପଡ଼ା ପ୍ରକଳ୍ପ ବିଦ୍ୟାଳୟରେ 'ଉଲ୍ଲାସ' କାର୍ଯ୍ୟକ୍ରମ

**ସାକ୍ଷୀଗୋପାଳ,୧୬।୩(ସମିସ):** ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବ୍ରାହ୍ମଣପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ଉଲ୍ଲାସ' କାର୍ଯ୍ୟକ୍ରମ ୨ ସଫଳତାର ସହ ସମ୍ପନ୍ନ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ଅଣସାକ୍ଷର ପୁରୁଷ ଓ ମହିଳାମାନେ ଅଂଶ ଗ୍ରହଣ କରିଥିଲେ। ଭାଷା, ଲିଖନ ଓ ଅଙ୍କ ଜ୍ଞାନ ଉପରେ ଶୈକ୍ଷିକ ମୂଲ୍ୟାୟନ ନିମନ୍ତେ ପରୀକ୍ଷା ଦେଇଥିଲେ। ସେମାନେ ସରକାରଙ୍କ ଅଭିନବ ପଦକ୍ଷେପକୁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଆଗ୍ରହର ସହିତ ଶୈକ୍ଷିକ କାର୍ଯ୍ୟ ସମ୍ପାଦନ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରବି ନାରାୟଣ ମହାନ୍ତି ଏବଂ ସହକାରୀ ଶିକ୍ଷୟିତ୍ରୀ ମାଳବିକା ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଗାଁକୁ ନିଶାମୁକ୍ତ ପାଇଁ ଅଣ୍ଟା ଭିଡ଼ିଲେ ମହିଳା ସଂଘ

**ବ୍ରହ୍ମଗିରି,୧୬।୩(ସମିସ):** ସୋମବାର ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ୍ ଧରଣୀକୁଦ ପଞ୍ଚାୟତ ମାତଲାପୁର ଗ୍ରାମର ମହିଳା ସଙ୍ଘ ଗ୍ରାମକୁ ନିଶାମୁକ୍ତ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଗ୍ରାମର ମହିଳାମାନେ ଏକ୍‌ଜୁଟ ହୋଇ ଗ୍ରାମ୍ୟ କମିଟିକୁ ତାଙ୍କର ଏକ ଦାବିପତ୍ର ପ୍ରଦାନ କରିଥିଲେ। ତାଙ୍କ ଗ୍ରାମକୁ ସମ୍ପୂର୍ଣ୍ଣ ରୂପେ ନିଶାମୁକ୍ତ କରିବା ସହିତ ଆଖପାଖରେ ନିଶାଦ୍ରବ୍ୟ ସେବନ ଏବଂ ବିକ୍ରୟକୁ ବନ୍ଦ କରିବା ପାଇଁ ଗୁହାରି କରିଥିଲେ। ସୋମବାର ଗ୍ରାମ ସଭାପତି ମନୋରଞ୍ଜନ ରାୟଙ୍କ ଅଧ୍ୟକ୍ଷତାରେ ଗ୍ରାମର ସମସ୍ତ ମୁରବି ଏବଂ ମହିଳା ଉପସ୍ଥିତ ରହି ଗ୍ରାମକୁ ନିଶାମୁକ୍ତ କରିବା ପାଇଁ ସ୍ଥିର କରିଥିଲେ। ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ ମହିଳାମାନଙ୍କୁ ଦିଆଯାଇଥିଲା। ମାତଲାପୁର ଗ୍ରାମ ଏକ ଆଧ୍ୟାତ୍ମିକ ଗ୍ରାମ ରୂପେ ପୁରୀ ଜିଲ୍ଲାରେ ଖ୍ୟାତି ଅର୍ଜନ କରିଛି। ଅଗ୍ନି ସ୍ୱରୂପା ମା' ହିଙ୍ଗୁଳା ଏହି ଗ୍ରାମର ଅଧିଷ୍ଠାତ୍ରୀ ରୂପେ ଖ୍ୟାତି ରହି ଆସିଛି। ଚୈତ୍ର ମାସରେ ମା'ଙ୍କ ବଡ଼ ପର୍ବ ଏହି ଗ୍ରାମରେ ଧୂମ୍‌ଧାମ୍‌ରେ ପାଳନ କରାଯାଇଥାଏ। ପୁରୀ ଜିଲ୍ଲା ଏବଂ ଅନ୍ୟ ଜିଲ୍ଲାର ହଜାର ହଜାର ଭକ୍ତ ମା'ଙ୍କ ପାଖରେ ପହଞ୍ଚି ସାନିଧ୍ୟପ୍ରାପ୍ତ ହୋଇଥା'ନ୍ତି।

## ଦୁଇ ନାବାଳକଙ୍କୁ ପୁଲିସ ଜିମା ଦେଲେ ଗ୍ରାମବାସୀ

**ନୟାହାଟ,୧୬।୩(ସମିସ):** ଦୁଇଜଣ ନାବାଳକ ପାଣି ମଟର ଚୋରି କରୁଥିବାବେଳେ ଗ୍ରାମବାସୀଙ୍କ ଦ୍ୱାରା ଧରାପଡ଼ିବା ପରେ ନୟାହାଟ ଫାଣ୍ଡିରେ ଏକ ବାଇକ୍ ସହ ଦୁହିଁଙ୍କୁ ସୋମବାର ପୁଲିସ ଜିମା ଦିଆଯାଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳି ପଞ୍ଚାୟତର ବଡ଼ତୋଟା ଗ୍ରାମର ସୁଧୀର ଦାସ ଓ ବାଲି ଉପର ଗ୍ରାମର କାବୁ ବିଶ୍ୱାଳଙ୍କ ଦୁଇଟି ପାଣି ମଟର ଯାହାର ଦାମ୍ ୩୦ହଜାର ଟଙ୍କା ତାକୁ ଖୋଲି ନେବା ସମୟରେ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଥିଲେ। ଖବର ପାଇ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଦୁଇ ନାବାଳକଙ୍କୁ ଉଦ୍ଧାର କରି ଗୋପ ଥାନାକୁ ନେଇଥିଲେ। ଅଟକ ଥିବା ନାବାଳକଙ୍କ ଘର ନୟାହାଟ ଫାଣ୍ଡି ଅନ୍ତର୍ଗତ ଭୁରୁଭୁରା ଗ୍ରାମ ଓ ଅନ୍ୟ ଜଣଙ୍କର ଘର କୋଣାର୍କ ଥାନା ଅନ୍ତର୍ଗତ ଆମ୍ବିଳିଗାଁରେ ବୋଲି ଜଣାପଡ଼ିଛି। ଉଭୟେ ଅନୁସୂଚିତ ଜାତିର ବୋଲି ଜଣାପଡ଼ିଛି। ତାଙ୍କୁ ପୁଲିସ ଥାନାରେ ଅଟକ ରଖି ଅଧିକ ପଚରାଉଚରା ଚଳାଇଛି।

# ଜାଗ୍ରତ ଯୁବଶକ୍ତି ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ନିମାପଡ଼ା,୧୬।୩(ସମିସ)**



ଜାଗ୍ରତ ଯୁବଶକ୍ତି ସଂଗଠନ ତରଫରୁ ନିମାପଡ଼ା ବ୍ଲକ୍‌ର ବିଭିନ୍ନ ସମବାୟ ସମିତିରେ ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ଧାନ ଦେଇପାରି ନ ଥିବା ଚାଷୀମାନଙ୍କ ସମସ୍ୟାକୁ ନେଇ ଜାଗ୍ରତ ଯୁବଶକ୍ତି ସଂଗଠନ ତରଫରୁ ସୋମବାର ପୁରୀ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବା ସହିତ ନିମାପଡ଼ା ବିଡିଓଙ୍କ ସହିତ ସମସ୍ୟା ସମାଧାନ ଦିଗରେ ଆଲୋଚନା କରାଯାଇଛି। ସରକାରୀ ପରିସଂଖ୍ୟାନ ଅନୁଯାୟୀ ଚଳିତ ଖରିଫ୍ ଋତୁରେ ନିମାପଡ଼ା ବ୍ଲକ୍‌ରେ ପଞ୍ଜିକୃତ ହୋଇଥିବା ମୋଟ୍ ୧୨ହଜାର ୩୦୦ ଚାଷୀଙ୍କ ମଧ୍ୟରୁ ମାର୍ଚ୍ଚ ୧୪ ତାରିଖ ସୁଦ୍ଧା ୪୪୮୦ ଜଣ ଚାଷୀ ଏଯାଏଁ ଧାନ ଦେଇପାରିନାହାନ୍ତି। ମୋଟ ଧାନ ଉଠାଣ ଟାର୍ଗେଟ ୪ ଲକ୍ଷ ୯୫ ହଜାର କ୍ୱିଣ୍ଟାଲରୁ ପ୍ରାୟ ୧ ଲକ୍ଷ ୨୭ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ହେବା ବାକି ରହିଛି।

ନିମାପଡ଼ା ବ୍ଲକ୍‌ର ୩୨ଟି ସମବାୟ ସମିତି ମଧ୍ୟରୁ ନୁଆସନ୍ଥ, ଓହଳ, ଭଗବତୀପୁର, ଗଦେଇଜେନା ସମବାୟ ସମିତିରେ ମାର୍ଚ୍ଚ ୧୪ ସୁଦ୍ଧା ୫୦%ରୁ କମ୍ ଧାନ ଉଠାଣ ହୋଇଥିବାବେଳେ ୯୫୯ ଜଣ ଚାଷୀଙ୍କ ଧାନ ଉଠାଯାଇନାହିଁ। ସେହିପରି ଭିଲିଗ୍ରାମ, ହରିଆଠେଙ୍ଗ, ତାଳତଅଁଳା, ପାଳଶ୍ରୀ, ଧଳେଶ୍ୱର, ଉଚ୍ଛୁପୁର ଭଳି ୬ଟି ସମବାୟ ସମିତିରେ ମାର୍ଚ୍ଚ ୧୪ ସୁଦ୍ଧା ୪୦%ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଧାନ ଉଠାଣ ବାକି ଥିବାବେଳେ ୧୩୭୭ ଜଣ ଚାଷୀ ଧାନ ଦେଇପାରି ନାହାନ୍ତି। ହରିପୁର, ଦଣ୍ଡିପୁର, ଶ୍ରୀନୃସିଂହ, ବରିମୁଣ୍ଡ ନିଳିଗାଁ ସମବାୟ ସମିତିରେ ମାର୍ଚ୍ଚ ୧୪ ସୁଦ୍ଧା ୩୦%ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଧାନ ସଂଗ୍ରହ ବାକି ଥିବାବେଳେ ୬୫୫ ଜଣ ଚାଷୀ ଧାନ ଦେବା ପାଇଁ ଅପେକ୍ଷାରେ ଅଛନ୍ତି। କପିଳେଶ୍ୱର, ବଳଙ୍ଗା, କନପୁର, ଡେଣୁଅବସ୍ତ, ଗଡ଼ତୋରିହିଁ, ଅରିଷଣ୍ଡ, ରେଙ୍ଗାଳୋ ଭଳି ୬ଟି ସମବାୟ ସମିତିରେ ମାର୍ଚ୍ଚ ୧୪ ତାରିଖ ସୁଦ୍ଧା ଶତାଧିକ ଚାଷୀଙ୍କଠାରୁ ଧାନ ସଂଗ୍ରହ ବାକି ରହିଛି। ସରକାରଙ୍କ ନିର୍ଦ୍ଦେଶ ମୁତାବକ ଧାନ ସଂଗ୍ରହ ଶେଷ ସମୟ ସୀମା ମାର୍ଚ୍ଚ ୩୧ ତାରିଖକୁ ୧୫ ଦିନ ବାକି ଥିବାବେଳେ ବକେୟା ୪୪୮୦ ଚାଷୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ଉକ୍ତ ସମବାୟ ସମିତି ଅନ୍ତର୍ଗତ ସମସ୍ତ ଚାଷୀଙ୍କଠାରୁ ଧାର୍ଯ୍ୟ ପରିମାଣ ମୁତାବକ ଶତ ପ୍ରତିଶତ ଧାନ ଉଠାଣ ଲାଗି ଜାଗ୍ରତ ଯୁବଶକ୍ତି ସଂଗଠନ ଆବାହକ ଆଦର୍ଶ ଦାଶ, ସଂଯୋଜକ ସମୀର ରଞ୍ଜନ ରାଉତରାୟ, ମୁଖ୍ୟ କାର୍ଯ୍ୟନିର୍ବାହୀ ବିଜୟାନନ୍ଦ ଦାସ, ଅଜୟ କୁମାର ମିଶ୍ର, ପ୍ୟାରିସ୍ ଜେନା, ଅନିରୁଦ୍ଧ ସାମନ୍ତସିଂହାର, ଜୟନ୍ତ ଜେନା, ଦିଲ୍ଲୀପ ରାଉତରାୟ, ତ୍ରିଲୋଚନ ପରିଡ଼ା, ଲକ୍ଷ୍ମୀଧର ବେହେରାଙ୍କ ସମେତ ନିମାପଡ଼ା ବ୍ଲକ୍‌ର ଶତାଧିକ ଚାଷୀ ପୁରୀ ଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ, ନିମାପଡ଼ା ବିଡିଓଙ୍କୁ ଦାବି ଜଣାଇଛନ୍ତି।

## ବନାରସକୁ ହରାଇ ସେମିରେ ତମାଣ୍ଡୋ

**ଗୋପ,୧୬।୩(ସମିସ):** ସର୍ବଭାରତୀୟ ତୃତୀୟ ବାର୍ଷିକ ମେମୋରିଆଲ କପ୍‌ର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଉତ୍ତର ପ୍ରଦେଶର ବନାରସ କ୍ରିକେଟ କ୍ଲବ୍‌କୁ ହରାଇ ତମାଣ୍ଡୋ କ୍ରିକେଟ୍ କ୍ଲବ୍, ଭୁବନେଶ୍ୱର ସେମିଫାଇନାଲରେ ପ୍ରବେଶ କରିଛି। ତମାଣ୍ଡୋ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ୱିକେଟ୍ ହରାଇ ୨୫୨ ରନ୍ ସଂଗ୍ରହ କରିଥିଲା। ଜବାବରେ ବନାରସ କ୍ରିକେଟ୍ କ୍ଲବ୍ ୨୦ ଓଭରରେ ୯ ୱିକେଟ୍ ହରାଇ ୧୫୦ ରନ୍ କରି ପରାସ୍ତ ହୋଇଥିଲା। ଏହି ମ୍ୟାଚ୍‌କୁ ଅମ୍ପାୟାର ଦେବେନ୍ଦ୍ର ମିଶ୍ର ଓ ପ୍ରମୋଦ ସିହ୍ନା ପରିଚାଳନା କରିଥିଲେ। ମନୋଜ ପାତ୍ର, ଗୁନାକର ଭୋଇ ଧାରା ବିବରଣୀ ଦେଇଥିଲେ। କ୍ରୀଡ଼ା ସମ୍ପାଦକ ତ୍ରୈଲୋଚନ ସାହୁ, ଆଥ୍‌ଲେଟିକ୍ ଆସୋସିଏସନର ସଭାପତି କାମାକ୍ଷା ପ୍ରସାଦ ଦଳବେହେରା, କୋଷାଧ୍ୟକ୍ଷ ଶୁଭେନ୍ଦୁ ପୃଷ୍ଟି, କମଳଲୋଚନ ଉପାଧ୍ୟାୟ ପ୍ରମୁଖ ପରିଚାଳନା କରିଥିଲେ।

## ଜିଲ୍ଲାର ୨୧୧୦ ଛାତ୍ରଛାତ୍ରୀ ଶିକ୍ଷାରୁ ବଞ୍ଚିତ

# କାରଣ ଦର୍ଶାଅ ଓ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ

ନୟାଗଡ଼, ୧୬ ।୩(ସମିସ)

ନୟାଗଡ଼ ଜିଲ୍ଲାରେ ୨୧୧୦ ଛାତ୍ରଛାତ୍ରୀ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ଏହି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬୩୦ ଜଣଙ୍କୁ ଶିକ୍ଷା ବ୍ୟବସ୍ଥା ମଧ୍ୟକୁ ଅଣାଯାଇଛି। ବଳକା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟମୁହାଁ କରିବା ପାଇଁ ବିଇଓ ଓ ଏବିଇଓମାନେ ପଦକ୍ଷେପ ନେବାରେ ଅବହେଳା କରୁଛନ୍ତି। ୩୦ ପ୍ରତିଶତରୁ କମ୍ ଥିବା ବ୍ଲକର ବିଇଓ ଓ ଏବିଇଓଙ୍କୁ ଏନେଇ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବା ବେଳେ ମାର୍ଚ୍ଚ ମାସର ଦରମା ବନ୍ଦ ପାଇଁ ଡିପିସି ତଥା ଜିଲ୍ଲା ଶିକ୍ଷା ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି।

| Status of mainstreaming OoSC | | | | | | | | | |
|---|---|---|---|---|---|---|---|---|---|
| Block | Duplicate/ Test/Invalid Entry | OoSC after subtracting Duplicate/Test/Invalid Entry | | | | | | Mainstreamed | % of Achievement |
| | | < 6 yrs | 6-14 yrs | 15-16 yrs | 17-18 yrs | > 18 yrs | Total | | |
| Bhapur | 1 | | 5 | 16 | 46 | 13 | 80 | 16 | 20.00 |
| Daspalla | 15 | 1 | 72 | 165 | 81 | 137 | 456 | 157 | 34.43 |
| Gania | 2 | | 4 | 10 | 1 | 14 | 29 | 15 | 51.72 |
| Khandapada | 4 | | 22 | 43 | 74 | 1 | 140 | 60 | 42.86 |
| Nayagarh | 2 | 1 | 45 | 47 | 17 | 235 | 345 | 76 | 22.03 |
| Nuagaon | 6 | | 33 | 67 | 88 | 40 | 228 | 66 | 28.95 |
| Odagaon | 6 | | 85 | 151 | 165 | 81 | 482 | 116 | 24.07 |
| Ranpur | 13 | 2 | 69 | 118 | 158 | 3 | 350 | 124 | 35.43 |
| Total | 49 | 4 | 335 | 617 | 630 | 524 | 2110 | 630 | 29.86 |

ସୂଚନାନୁସାରେ, ରାଜ୍ୟ ସରକାର ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଜରିଆରେ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ପିଲା ତଥା ଶିକ୍ଷାରୁ ବଞ୍ଚିତ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ବ୍ୟବସ୍ଥାକୁ ଆଣିବାକୁ ଯୋଜନା କରିଛନ୍ତି। ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ନୟାଗଡ଼ ଜିଲ୍ଲାରେ ସଫଳ ହେବା ପରିବର୍ତ୍ତେ ବିଫଳମୁହାଁ ହୋଇଛି। ବ୍ଲକର ୮୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୬ ଜଣ ସ୍କୁଲ ଆସିଥିବା ବେଳେ ଦଶପଲ୍ଲା ବ୍ଲକର ୪୫୬ ଜଣଙ୍କ ମଧ୍ୟରୁ ୧୫୭ ଜଣ ସ୍କୁଲ ଆସିଛନ୍ତି। ଗଣିଆ ବ୍ଲକର ୨୯ ଜଣଙ୍କ ମଧ୍ୟରୁ ୧୫ ଜଣ ସ୍କୁଲ ଆସିଛନ୍ତି। ସେହିଭଳି ଖଣ୍ଡପଡ଼ା ବ୍ଲକର ୧୪୦ରୁ ୬୦ ଜଣ, ନୟାଗଡ଼ର ୩୪୫ରୁ ୪୬ ଜଣ, ନୂଆଗାଁର ୨୨୮ରୁ ୬୬, ଓଡ଼ଗାଁର ୪୮୨ରୁ ୧୧୬ ଜଣ, ରଣପୁରର ୩୫୦ରୁ ୧୨୪ ଜଣ ସ୍କୁଲ ଆସିଛନ୍ତି। ଜିଲ୍ଲାରେ ମୋଟାମୋଟି ୨୯.୮୬ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ସ୍କୁଲକୁ ଅଣାଯାଇଛି। ଏହି ତଥ୍ୟ ଅନୁସାରେ, ଭାପୁର, ନୟାଗଡ଼, ନୂଆଗାଁ ଓ ଓଡ଼ଗାଁ ବ୍ଲକ ୩୦ ପ୍ରତିଶତରୁ କମ ରହିଛି। ଯାହାକୁ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ଉକ୍ତ ବ୍ଲକର ବିଇଓ, ଏବିଇଓ କମ୍ ବିଆରସିସିଙ୍କୁ କାରଣ ଦର୍ଶାଅ ନୋଟିସ୍ କରିବା ସହ ମାର୍ଚ୍ଚ ମାସର ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାକୁ ବସିଛି। ବଡ଼ ଅଧିକାରୀଙ୍କ ଅପାରଗ ପଣିଆ ପାଇଁ ଶିକ୍ଷକ, ଶିକ୍ଷା କର୍ମଚାରୀ ଶିକ୍ଷାକୁ ଗୁରୁତ୍ୱ ଦେବା ପରିବର୍ତ୍ତେ ନିଜସ୍ୱ ବ୍ୟବସାୟ, ଚାନ୍ଦା ଆଦାୟକୁ ଗୁରୁତ୍ୱ

- ସଫଳ ହେଉନି 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ
- ଜିଲ୍ଲାରେ ୩୦ ପ୍ରତିଶତ ଟାର୍ଗେଟ ଛୁଇଁନି

ଦେଉଛନ୍ତି। ଯାହାକୁ ନେଇ ନୟାଗଡ଼ ଜିଲ୍ଲା ବଦନାମ ହେବାକୁ ବସିଛି। ଶିକ୍ଷା ବ୍ୟବସ୍ଥାରେ ରାଜ୍ୟରେ ନୟାଗଡ଼ ଜିଲ୍ଲାରେ ଆଗୁଆ ରହୁଥିବା ବେଳେ ଏବେ ପରିସ୍ଥିତି ବିପରୀତ ହୋଇଛି। ଜିଲ୍ଲା ପ୍ରଶାସନ, ନିର୍ବାଚିତ ଜନପ୍ରତିନିଧି ଏହାକୁ ଧ୍ୟାନ ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ୫ ଗଣ୍ଡି ଶାଗୁଆନ କାଠ ଜବତ



ଓଡ଼ଗାଁ, ୧୬ ।୩(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବନାଞ୍ଚଳ ଅଧୀନ ମଶାବାରୀ ନୂଆସାହିରୁ ବନ ବିଭାଗ ସୋମବାର ୫ ଗଣ୍ଡି ଶାଗୁଆନ କାଠ ଜବତ କରିଛି। ଏହି କାଠର ଆନୁମାନିକ ମୂଲ୍ୟ ପ୍ରାୟ ୩୦ ହଜାର ଟଙ୍କା ହେବ। ମଶାବାରୀ ନୂଆ ସାହିରେ ସରକାରୀ ଜାଗାରେ ଥିବା ଏକ ଶାଗୁଆନ ଗଛ କଟାଯାଇଥିବା ଗତ ଶନିବାର ବିଶେଷ ସୂତ୍ରରୁ ଖବର ପାଇ ଓଡ଼ଗାଁ ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲ୍ଲିକ ବନ କର୍ମଚାରୀଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ। ବନ କର୍ମଚାରୀ ପହଞ୍ଚି ଗଛ କଟାଯାଇଥିବା ସ୍ଥାନର ତଦନ୍ତ କରି ଫେରିଥିଲେ। ପରେ ଉକ୍ତ କାଠ ଉପରେ ନଜର ରଖାଯାଇଥିଲା। ଶନିବାର ଓ ରବିବାର ଛୁଟିଦିନ ଥିବାରୁ ଗଛଟି ସରକାରୀ କିମ୍ବା ବେସରକାରୀ ଜମିରେ ଥିଲା, ତାହା ନିର୍ଣ୍ଣୟ ପାଇଁ ଅମିନ କିମ୍ବା ରାଜସ୍ୱ ନିରୀକ୍ଷକଙ୍କ ସହଯୋଗ ନିଆଯାଇପାରି ନ ଥିଲା। ରେଞ୍ଜରଙ୍କ ନିର୍ଦ୍ଦେଶରେ ସୋମବାର ପୂର୍ବାହ୍ନରେ ବନରକ୍ଷୀ ସୌମ୍ୟରଞ୍ଜନ ଦଲେଇ ସ୍କ୍ୱାଡ୍ ସହିତ ଘଟଣାସ୍ଥଳରେ ପହଞ୍ଚି ପଚରାଉଚରା କରିଥିଲେ। କିଛି ସମୟ ଅପେକ୍ଷା କରିବା ପରେ ମଧ୍ୟ ଗଛ ମୂଳରେ ପଡ଼ିଥିବା କଟା ଶାଗୁଆନ କାଠ ନେବାକୁ କେହି ଦାବିଦାର ଆସି ନ ଥିଲେ। ବନ ବିଭାଗ ସେଗୁଡ଼ିକୁ ଜବତ କରି ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲା। ଜବତ କାଠ ମଧ୍ୟରୁ ପ୍ରଥମ ଗଣ୍ଡିଟି ପ୍ରାୟ ୭ ଫୁଟ ଲମ୍ବା ହୋଇଥିବା ବେଳେ ଅନ୍ୟ ଗଣ୍ଡିଗୁଡ଼ିକ ୪ରୁ ୫ ଫୁଟ ଲମ୍ବ ହୋଇଥିବା ଜଣାପଡ଼ିଛି।

## ମା' ବନତାରିଣୀଙ୍କ ବାର୍ଷିକ ଉତ୍ସବ



କଣ୍ଟିଲୋ, ୧୬ ।୩(ସମିସ): କଣ୍ଟିଲୋ ମାଧବ ଚୌଧୁରୀ ପାଟଣା ନିକଟ ପର୍ବତ ଶିଖରରେ ଅବସ୍ଥିତ ମା' ବନତାରିଣୀଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଇଛି। ସୋମବାର ପ୍ରାତଃରେ ମା'ଙ୍କ ପୂଜାର୍ଚ୍ଚନା ପରେ ହୋମଯଜ୍ଞ, ଭଜନ, ସଂକୀର୍ତ୍ତନ ଓ ପରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ଏଥିରେ ସାହିର ଯୁବକମାନେ ସହଯୋଗ କରିଥିଲେ। ମା'ଙ୍କ ପୀଠ ପାହାଡ଼ ଶିଖରରେ ହେଇଥିବାରୁ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଭକ୍ତଙ୍କୁ ବିମୋହିତ କରିଥାଏ। କିନ୍ତୁ ଉକ୍ତ ଅଞ୍ଚଳରେ କୌଣସି ପାନୀୟ ଜଳ ଏବଂ ରାସ୍ତା ବ୍ୟବସ୍ଥା ନ ଥିବାରୁ ଭକ୍ତମାନେ ନିରାଶ ହେଇ ଫେରୁଛନ୍ତି। ଖୋଲା ଆକାଶ ତଳେ ଖରା, ବର୍ଷା, ଶୀତରେ ମା' ୧୯୯୦ ମସିହାରୁ ପୂଜାପାଇ ଆସୁଛନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଅସ୍ୱଚ୍ଛ ହେଲାଣି ସ୍ୱଚ୍ଛ ନୟାଗଡ଼

### ସକାଳ ୯ଟା ପର୍ଯ୍ୟନ୍ତ ଉଠୁନି ଆବର୍ଜନା

ନୟାଗଡ଼, ୧୬ ।୩(ସମିସ): ନୟାଗଡ଼ ପୌର ପରିଷଦ କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ଏବଂ ଦାୟିତ୍ୱହୀନତାର ପ୍ରଭାବ ସହର ସାରା ବାରି ହେଉଛି। ନିର୍ମାଣ କାର୍ଯ୍ୟ ହେଉ ଅଥବା ରକ୍ଷଣାବେକ୍ଷଣ, ସବୁଥିରେ ପୌର କର୍ମଚାରୀଙ୍କ ଅବହେଳା ଦେଖିବାକୁ ମିଳୁଛି। ନୟାଗଡ଼ ସହରକୁ ସ୍ୱଚ୍ଛ ଓ ସୁନ୍ଦର କରି ଗଢ଼ି ତୋଳିବା ପାଇଁ ପ୍ରୟାସ ଚାଲିଛି। ଏଭଳି ସ୍ଥିତିରେ ସହରରେ ପରିମଳ ଓ ସ୍ୱଚ୍ଛତା କାର୍ଯ୍ୟରେ ଅବହେଳା କରାଯାଉଛି। ସହରରେ ସକାଳ ୯ଟା ପର୍ଯ୍ୟନ୍ତ ଆବର୍ଜନା ଉଠୁ ନ ଥିବା ବେଳେ କେତେକ ସ୍ଥାନରେ ଦିନ ଦିନ ଧରି ଆବର୍ଜନା ଗଦା ହେଉଛି। ଯାହାକୁ ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହେଉଛି। ସହରରେ କୁଢ଼କୁଢ଼ ଆବର୍ଜନା ଏଣେ ତେଣେ ଗଦା ହେଉଛି। ଏ ସମସ୍ୟାର ସମାଧାନ କରିବା ନିହାତି ଆବଶ୍ୟକ ହୋଇପଡ଼ିଛି।

## ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ▸ ରାତିରେ ଇସିଜି ବ୍ୟବସ୍ଥା ବନ୍ଦ

ନୟାଗଡ଼, ୧୬ ।୩(ସମିସ): ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଚିତ୍ର ବ୍ୟବସ୍ଥା ରୋଗୀଙ୍କ ପାଇଁ କାଳ ସାଜିଛି। ରାତିରେ ଇସିଜି ଆଦୌ ହେଉ ନ ଥିବା ବେଳେ ଦିନରେ ଅଣତାଲିମ ପ୍ରାପ୍ତ ଆଟେଣ୍ଡାଣ୍ଟଙ୍କ ଦ୍ୱାରା ଇସିଜି କରାଯାଉଛି। ଫଳରେ ଦୂରଦୂରାନ୍ତରୁ ରାତିଅଧରେ ଆସୁଥିବା ହୃଦଘାତ ରୋଗୀଙ୍କ ଜୀବନ ଯାଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଭଳି ଅବ୍ୟବସ୍ଥା ଡିସେମ୍ବର ମାସରୁ ଲାଗି ରହିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ସବୁ ଜାଣି ଅଜଣା ହୋଇଛି।

ଠିକାସଂସ୍ଥା ଜରିଆରେ ଅଯୋଗ୍ୟଙ୍କୁ ନିଯୁକ୍ତି ଦେଇ ଲକ୍ଷ ଲକ୍ଷ ଟଙ୍କା ମୁନାଫା ପାଇଁ ସ୍ୱାସ୍ଥ୍ୟ ବିଭାଗ ବଡ଼ପଣ୍ଡାମାନେ ନିଘୋର ନିଦ୍ରାରେ ଶୋଉଥିବା ବେଳେ ରାତିଅଧିଆ ଡାକ୍ତରଖାନା ଆସୁଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟ ନାନା ସମସ୍ୟା ଭୋଗୁଛନ୍ତି। ଇସିଜି ହେଉ ନ ଥିବାରୁ ଡାକ୍ତର ସଠିକ ଚିକିତ୍ସା କରିପାରୁନାହାନ୍ତି। ତରବରିଆ ଭାବେ ରୋଗୀଙ୍କୁ ଭୁବନେଶ୍ୱର ରେଫର କରାଯାଉଛି। ଯାହାର ଭାଗ୍ୟ ଭଲ ସେ ବଞ୍ଚିଯାଉଛି। ଯାହାର ଭାଗ୍ୟ ଖରାପ ଅଧା ରାସ୍ତାରେ ଜୀବନ ହାରୁଛି। ଜିଲ୍ଲାରେ ସ୍ୱାସ୍ଥ୍ୟସେବା ଏବେ ଭଗବାନଙ୍କ ଭରସାରେ ଚାଲୁଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାହିଁକି ଇସିଜି ଟେକ୍ନିସିଆନଙ୍କୁ ନିଯୁକ୍ତି ଦିଆଯାଉନାହିଁ ବୋଲି ପ୍ରଶ୍ନ ଉଠିଛି। ଏହା ପଛରେ




ଅଧିକାରୀଙ୍କ ଅପାରଗତା ଜଳଜଳ ଦିଶୁଛି। କେବଳ ଇସିଜି ସମସ୍ୟା ନୁହେଁ, ଡାକ୍ତରଖାନାରେ ମାଳମାଳ ସମସ୍ୟାକୁ ଦୂର କରାଯାଇ ପାରୁନାହିଁ। ଆବଶ୍ୟକ ସଂଖ୍ୟାରେ ଡାକ୍ତର ନ ଥିବା ସବୁଠାରୁ ବଡ଼ ସମସ୍ୟା ଭାବେ

- ହୃଦ୍‌ଘାତ ରୋଗୀଙ୍କ ମୃତ୍ୟୁସଂଖ୍ୟା ବଢ଼ୁଛି
- ଦିନରେ ଆଟେଣ୍ଡାଣ୍ଟ କରୁଛନ୍ତି ଇସିଜି

ଉଭା ହୋଇଛି। ନାମକୁ ମାତ୍ର ଡାକ୍ତରଖାନା ଶୋଭା ପାଉଛି। ଚିକିତ୍ସା ସୁବିଧା ମିଳୁନାହିଁ। ଜିଲ୍ଲା ପ୍ରଶାସନ କେବେ ଏହି ସମସ୍ୟା ସମାଧାନ କରିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ୩ ମାସ ପରେ ବି ସିଡିଏମଓ ପଦ ଖାଲି

ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଦାଶ ୨୦୨୫ ନଭେମ୍ବର ୩୦ରେ ଅବସର ଗ୍ରହଣ କରିଥିଲେ। ଡିସେମ୍ବର ୧ରୁ ସିଡିଏମଓ ଦାୟିତ୍ୱରେ ଡା. ପୁଷ୍ପା ନୀଳିମା ଲାକ୍ରା ରହିଛନ୍ତି। ୩ ମାସ ୧୫ ଦିନ ବିତିଥିଲେ ସୁଦ୍ଧା ରାଜ୍ୟ ସରକାର ସିଡିଏମଓ ନିଯୁକ୍ତି ନ ଦେବା ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ସିଡିଏମଓ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ହୋଇଥିବା ବେଳେ କେତେ ଦିନ ଏଭଳି କାମଚଳା ବ୍ୟବସ୍ଥାରେ ସ୍ୱାସ୍ଥ୍ୟ ବିଭାଗ ଚାଲିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ନିଶା କବଳରେ ଯୁବପିଢ଼ି; ଅବକାରୀ ବିଭାଗ ନିରବ

ଗଣିଆ, ୧୬ ।୩(ସମିସ): ଆଧୁନିକ ସମାଜରେ ପଥଭ୍ରଷ୍ଟ ହେଉଛନ୍ତି ଯୁବଗୋଷ୍ଠୀ। ବିଶେଷ କରି ନିଶା କବଳରେ ପଡ଼ି ମତୁଆଲା ସାଜୁଥିବା ବେଳେ ସମାଜ ପାଇଁ ଅନେକ କ୍ଷତି ଘଟୁଛି ଏଥିରେ ସନ୍ଦେହ ନାହିଁ। ମଦଠାରୁ ଆରମ୍ଭ କରି ବ୍ରାଉନସୁଗର ପର୍ଯ୍ୟନ୍ତ ନିଶାଦ୍ରବ୍ୟ ଖୋଲାଖୋଲି ବିକ୍ରି ହେଉଛି। ମଦ ବିରୋଧୀ ଆନ୍ଦୋଳନ ତୀବ୍ର ହେଉଥିଲେ ମଧ୍ୟ କିଛି ବି ପ୍ରଭାବ ପଡୁନି। ଗଣିଆ ବ୍ଲକର ବିଭିନ୍ନ ସ୍ଥାନରେ ଏପରିକି ପାନ ଦୋକାନରେ ଖୁଲମଖୁଲା ମଦ ବିକ୍ରି ହେଉଛି। କିଛିଦିନ ଧରି ଗଣିଆରେ ବ୍ରାଉନସୁଗର ବେପାର ବଢ଼ିବାରେ ଲାଗିଛି। ଖୋଲା ପଡ଼ିଆ, ନିକାଞ୍ଚନ ସ୍ଥାନରେ ଗଦା ଗଦା ମଦ ବୋତଲ ପଡ଼ି ରହୁଛି। ବିଗତ ଦିନରେ ଆଉକଟା କଲେଜ ରାସ୍ତାରେ ଯୁବକମାନେ ନିଶାଖାଇ ଉତ୍ପାତ କରୁଥିବା ନେଇ ଅଧ୍ୟକ୍ଷ ଅଭିଯୋଗ କରିଥିଲେ। ୧୦/୧୨ ବୟସର ବାଳକମାନେ ମାଦକଦ୍ରବ୍ୟ ସେବନ କରୁଥିବା ଦେଖିବାକୁ ମିଳୁଛି। ନିଶା ଯୋଗୁଁ ଅନେକ ସ୍ଥାନରେ ଛୋଟମୋଟ ଚୋରି ଡକାୟତି ମଧ୍ୟ ହେଉଛି। ଅନେକ ଘର ନିଶା ଯୋଗୁଁ ଉଜୁଡ଼ିଯାଉଛି। ଅବକାରୀ ବିଭାଗ ସବୁ ଦେଖି ନ ଦେଖିବାର ଅଭିନୟ କରୁଛି। ମଠ, ମନ୍ଦିର ଓ ଧର୍ମାନୁଷ୍ଠାନଗୁଡ଼ିକରେ ଚୋରି ଡକାୟତି ବୃଦ୍ଧି ପାଉଛି। ଅନେକ ସ୍ଥାନରେ ମଦ ଯୋଗୁଁ ମହିଳାମାନେ ଅସଦାଚରଣର ଶିକାର ହେଉଛନ୍ତି। ବହୁ କମ୍ ବୟସର ଛାତ୍ରଛାତ୍ରୀ ନିଶା କବଳରେ ପଡ଼ିଥିବା ବେଳେ ସେମାନଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି। ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଚଢ଼ଉ ଜାରି ରଖିବାକୁ ଦାବି ହେଉଛି।

## ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା

# ବେଫିକର ମଲ୍, ସୋ'ରୁମ୍ ଓ ହୋଟେଲ ମାଲିକ

ନୟାଗଡ଼, ୧୬ ।୩(ସମିସ): ନୟାଗଡ଼ ଜିଲ୍ଲା ସଦମହକୁମାରେ ଦିନକୁ ଦିନ ଅନେକ ମଲ, ସୋରୁମ, କ୍ଲିନିକ ଓ ହୋଟେଲ୍ ଗଢ଼ି ଉଠୁଛି। ସହରୀ ସଭ୍ୟତାର ଅଭିବୃଦ୍ଧି ଘଟୁଥିବା ବେଳେ ନୟାଗଡ଼ ସହର ଦିନକୁ ଦିନ ନୂଆରୂପ ନେଉଛି। ଏଭଳି ସ୍ଥିତିରେ ସହରରେ ବିଗତ କିଛି ବର୍ଷ ମଧ୍ୟରେ ଅନେକ ହୋଟେଲ, ମଲ୍, ସୋରୁମ ଏବଂ ଅନ୍ୟାନ ବହୁତଳ ପ୍ରାସାଦରେ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିଥିବା ବେଳେ ଅନେକ ସ୍ଥାନରେ ଅଗ୍ନି ନିରାପତ୍ତା ନେଇ ବ୍ୟବସ୍ଥା ନ ଥିବା ଚିନ୍ତାର ବିଷୟ ହୋଇଛି। ବିଗତ ଦିନରେ ନୟାଗଡ଼ ସାମସଙ୍ଗ ସୋରୁମରେ ଘଟିଥିବା ଅଗ୍ନିକାଣ୍ଡ, ଖଣ୍ଡପଡ଼ା ରାସ୍ତାରେ ଥିବା ଏକ ବସ୍ତ୍ରାଳୟ ଅଗ୍ନିକାଣ୍ଡ ଏହାର ଉଦାହରଣ। ନୟାଗଡ଼ ସହରରେ ଥିବା ଅନେକ ବ୍ୟବସାୟିକ ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ନେଇ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବା ବେଳେ କିଭଳି ଏହାକୁ ଖୋଲିବାକୁ ଅନୁମତି ମିଳୁଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମୁଖ୍ୟତଃ ସହର ମଧ୍ୟରେ ରହିଥିବା ଅନେକ ହୋଟେଲ ଓ ଲଜରେ ଭୟାନକ ସ୍ଥିତିରେ ରହିଛି। ଏହା ମଧ୍ୟରେ ଅଗ୍ନିକାଣ୍ଡ ଘଟିଲେ ପରିସ୍ଥିତି ଭୟାବହ ହେବା ନିଶ୍ଚିତ ବୋଲି କୁହାଯାଉଛି। ଏହି ଲଜ ଓ ହୋଟେଲ୍‌ଗୁଡ଼ିକରେ ଏକାଧିକ ଏସି ସମେତ ଅନେକ ବୈଦ୍ୟୁତିକ ସାମଗ୍ରୀ ବ୍ୟବହାର କରାଯାଉଥିବା ବେଳେ ଆଦୌ ଅଗ୍ନି ନିରାପତ୍ତା ନେଇ ବ୍ୟବସ୍ଥା କରାଯାଉନାହିଁ। ଏହି ସ୍ଥାନରେ ନିଆଁ ଲାଗିଲେ ଅନେକ ଜୀବନ ହାନି ହେବା ସମ୍ଭାବନା ରହିଛି। ସେହିଭଳି ଭାବେ ନୟାଗଡ଼ରେ ରହିଥିବା ଅନେକ ସୋରୁମରେ ମଧ୍ୟ ସମାନ ସମସ୍ୟା ଦେଖାଯାଇଛି। ନୟାଗଡ଼ର ବ୍ୟସ୍ତ ବହୁଳ ତଥା ଗାରମେଣ୍ଟସ୍ ବଜାର କୁହାଯାଉଥିବା ଜୁବୁଲି ମାର୍କେଟକୁ ଦିନକୁ ଦିନ ବୃଦ୍ଧି ଦିଆଯାଉଥିବା ବେଳେ ଅଗ୍ନିକାଣ୍ଡ ସମୟରେ ଏହାକୁ ରୋକିବାକୁ କୌଣସି ବ୍ୟବସ୍ଥା ନାହିଁ। ଦୁଇ ମହଲା ବିଶିଷ୍ଟ ଏହି ମାର୍କେଟରେ କୋଟି କୋଟି ଟଙ୍କାର ଲୁଗା, ପୋଷାକ ବ୍ୟବସାୟ ହୋଇଥାଏ। ଏହି ମାର୍କେଟରେ ଅନେକ ପର୍ବ ପର୍ବାଣୀ ସମୟରେ ଶହ ଶହ ସଂଖ୍ୟାରେ ଗ୍ରାହକଙ୍କ ଭିଡ଼ ଜମିଥାଏ। ନୟାଗଡ଼ ପୌର ପରିଷଦ ଅଧିନରେ ରହିଥିବା ଏହି ମାର୍କେଟ ସର୍ବଦା ଅଗ୍ନି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଆଜି ପର୍ଯ୍ୟନ୍ତ ପୌର ପରିଷଦ ନାଁ ବ୍ୟବସାୟୀ ଏଥିପ୍ରତି କେହି ଚିନ୍ତା ପ୍ରକଟ କରିନଥିବା ଜଣାଯାଇଛି। ସେହିଭଳି ଭାବେ ସହରରେ ରହିଥିବା ଅନେକ କ୍ଲିନିକରେ ମଧ୍ୟ ନାଁକୁ ମାତ୍ର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଆପଣା ଯାଇଥିବା ବେଳେ ଅନେକ କ୍ଲିନିକରେ ଅଗ୍ନି ନିରାପତ୍ତା ନେଇ ବ୍ୟବସ୍ଥା ନଥିବା ସ୍ପଷ୍ଟ ହୋଇଛି। ଜିଲ୍ଲା ପ୍ରଶାସନ ଓ ଅଗ୍ନିଶମ ବିଭାଗ ଏହା ଉପରେ ତଦାରଖ କରିବାର ଆବଶ୍ୟକତା ରହିଛି।

## ଭାପୁରରେ ଶବ ବ୍ୟବଚ୍ଛେଦ ସୁବିଧା କେବେ

ଭାପୁର, ୧୬ ।୩(ସମିସ): ନୟାଗଡ଼ ଜିଲ୍ଲାର ପ୍ରଥମ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସବୁବେଳେ ପ୍ରଶାସନିକ ଅବହେଳାର ଶିକାର ହୋଇ ଆସିଛି। ଏଠାରେ ସବୁବେଳେ ଡାକ୍ତରଙ୍କ ସହ ଅନ୍ୟ କର୍ମଚାରୀଙ୍କ ଅଭାବ ଦେଖା ଦେଇଥାଏ। ଯେଉଁ ଡାକ୍ତର ଅଛନ୍ତି ସେମାନେ ବ୍ଲକର ଦୁଇ ଲକ୍ଷ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସମ୍ଭବ ହେଉନାହିଁ। ଏଠାରେ ଏକ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ପାଇଁ ଦୀର୍ଘ ୨୦ ବର୍ଷ ହେଲା ଦାବି ହୋଇ ଆସୁଥିଲେ ହେଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଇନାହିଁ। ଏପରିକି ଏ ନେଇ କୌଣସି ବିଧାୟକ ଗୁରୁତ୍ୱ ପ୍ରଦାନ ନ କରିବା ଯୋଗୁଁ ସବୁବେଳେ ଭାପୁର ଜନସାଧାରଣ କୌଣସି ଦୁର୍ଘଟଣା କି ଅଘଟଣ ସମୟରେ ଖଣ୍ଡପଡ଼ା ଡାକ୍ତରଖାନାରେ ଥିବା ଶବ ବ୍ୟବଚ୍ଛେଦ କରିବାକୁ ଯାଇଥାନ୍ତି। ବର୍ତ୍ତମାନର ବିଧାୟକ ଏହି ଶବ ବ୍ୟବଛେଦ ଗୃହ ନିର୍ମାଣ କରିବାକୁ ଦୀର୍ଘ ଏକ ବର୍ଷ ହେଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ହେଁ ପ୍ରଶାସନ କର୍ଣ୍ଣପାତ କରୁନାହିଁ। ତୁରନ୍ତ ଭାପୁରରେ ଶବ ବ୍ୟବଚ୍ଛେଦ ସୁବିଧା ଯୋଗାଇ ଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ବୁଲା ଗୋରୁଙ୍କ କବ୍‌ଜାରେ ନୟାଗଡ଼ ସହର

ନୟାଗଡ଼, ୧୬ ।୩(ସମିସ): ମୁଖ୍ୟ ରାସ୍ତାରେ ଯାନବାହାନ କମ୍ ଆଉ ଗାଈଗୋରୁ ଅଧିକ। ଯେଉଁଥିପାଇଁ ଗାଡ଼ି ଚଳାଇବା ଦୂର କଥା ଚାଲି ଚାଲି ଯିବା ପାଇଁ ମଧ୍ୟ ଲୋକେ ହଇରାଣ ହେଉଛନ୍ତି। ସକାଳୁ ସନ୍ଧ୍ୟା, ସବୁ ସମୟରେ ମୁଖ୍ୟ ରାସ୍ତାରେ ରାଜ୍ କରୁଛନ୍ତି ଗାଈଗୋରୁ। କିନ୍ତୁ ସବୁ ଦେଖି ମଧ୍ୟ ନୟାଗଡ଼ ପୌର ପରିଷଦ ହାତବାନ୍ଧି ବସିଛି। ଫଳରେ ଏହାର ପରିଣାମ ଭୋଗୁଛନ୍ତି ସହରବାସୀ।

ନୟାଗଡ଼ ଜିଲ୍ଲା ସଦର ମହକୁମା ହେଉଛି ନୟାଗଡ଼ ସହର। ଜିଲ୍ଲାର ସମସ୍ତ ମୁଖ୍ୟ କାର୍ଯ୍ୟାଳୟ ସହ ମୁଖ୍ୟ ଚିକିତ୍ସାଳୟ ମଧ୍ୟ ଏଠାରେ ରହିଛି। ରାତି ପାହିଲେ ସହରବାସୀଙ୍କ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଲୋକମାନେ ନିଜ କାମ ନେଇ ଏଠାକୁ ଆସନ୍ତି। ସହରର ସମସ୍ତ ପ୍ରବେଶ ପଥରେ ଗାଈଗୋରୁଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଥାଏ। ସହରର ଟ୍ରାଫିକ ଛକ ସମେତ, କଲେଜ ରାସ୍ତା, ଖଣ୍ଡପଡ଼ା ରାସ୍ତା, ପୁରୁଣା ସହର ରାସ୍ତା ଓ ସିନ୍ଦୂରିଆ ରାସ୍ତାରେ ଗାଈଗୋରୁ ଶୋଉଛନ୍ତି। ମଝି ରାସ୍ତାରେ ଗାଈଗୋରୁ ଚଳପ୍ରଚଳ କରୁଥିବାରୁ ସହରରେ ଟ୍ରାଫିକ୍ ସମସ୍ୟା ଅଧିକ ହେଉଥିବା ଅଭିଯୋଗ ହେଉଛି। ଏଥିସହ ବହୁ ସମୟରେ ଲୋକମାନେ ଦୁର୍ଘଟଣାର ଶିକାର ହେଉଥିବା ମଧ୍ୟ ନଜିର ରହିଛି। ଗାଈ ମାଲିକମାନେ ନିର୍ଭୟରେ ରାସ୍ତା ଉପରକୁ ଛାଡ଼ି ଦେଉଥିବା ବେଳେ ପୌର ପରିଷଦର ଢିଲାପଣ ଯୋଗୁଁ ମାଲିକମାନେ ମଧ୍ୟ ଖାତିର କରୁନାହାନ୍ତି। ଦୀର୍ଘଦିନ ଧରି ଏହି ସମସ୍ୟା

### ପୌର ପରିଷଦ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଶୂନ

ଲାଗି ରହିଥିବା ବେଳେ ଗାଈଗୋରୁଙ୍କୁ ଉଠାଇବା ଲାଗି ପୌର ପରିଷଦର ନିଜସ୍ୱ ଗାଡ଼ି ନ ଥିବା ଜଣାପଡ଼ିଛି। ରାସ୍ତା ଉପରୁ ଗାଈଗୋରୁଙ୍କୁ ହଟାଇବା ଦିଗରେ ପୌର ପରିଷଦର କୌଣସି ଆଖିଦୃଶିଆ ପଦକ୍ଷେପ ନାହିଁ। ଫଳରେ ସହରର ଏହି ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ପୌର ପରିଷଦ ଲୋକଦେଖାଣିଆ ଭାବେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହୁଥିବା ବେଳେ ବାସ୍ତବରେ କେବେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରଶ୍ନ ଉଠିଛି।

## ତିନିଦିନ ମଧ୍ୟରେ ଫାଇଲ ଦେବାକୁ କୁହାଯାଇଥିଲା

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବିଡିଓଙ୍କ ବେଖାତିର

ନୟାଗଡ଼/ଭାପୁର, ୧୬ ।୩(ସମିସ)

ନୟାଗଡ଼ ଜିଲ୍ଲା ଭାପୁର ବିଡିଓଙ୍କୁ ଅଧ୍ୟକ୍ଷା ମାଗିଥିବା ଫାଇଲ ତିନିଦିନ ମଧ୍ୟରେ ଦେବାକୁ ମାର୍ଚ୍ଚ ୯ ତାରିଖ ଜିଲ୍ଲାପାଳ ଭାପୁର ଜନଶୁଣାଣି ସମୟରେ ଲିଖିତ ନିର୍ଦ୍ଦେଶ ଦେଇଥିଲେ। ତେବେ ୮ ଦିନ ପରେ ମଧ୍ୟ ବିଡିଓ ଏହି ନିର୍ଦ୍ଦେଶକୁ ବେଖାତିର କରିବା ସହ ଅଧ୍ୟକ୍ଷାଙ୍କୁ ଫାଇଲ ଦେଲେ ନାହିଁ। ସୋମବାର ଏ ନେଇ ଦଶପଲ୍ଲା ଜନଶୁଣାଣି ଶିବିରରେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଜିଲ୍ଲାପାଳଙ୍କୁ ଭେଟି ଜିଲ୍ଲାପାଳଙ୍କ ନିର୍ଦ୍ଦେଶର ବିଡିଓଙ୍କ ବେଖାତିର ଓ ଦୁର୍ନୀତିଖୋର ମନୋବୃତ୍ତିର ପ୍ରମାଣ ପ୍ରଦାନ କରିଛନ୍ତି। ଏ ନେଇ ଜିଲ୍ଲାପାଳ ପରବର୍ତ୍ତୀ କ'ଣ ପଦକ୍ଷେପ ନେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ଜିଲ୍ଲାପାଳ ନିଜ ସମ୍ମାନ ରକ୍ଷା ପାଇଁ ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ନା ବିଡିଓଙ୍କ ଦୁର୍ନୀତିକୁ ସମ୍ମତି ପ୍ରଦାନ କରିବେ ତାହାକୁ ଜିଲ୍ଲାବାସୀ ଚାତକ ପରି ଚାହିଁ ରହିଛନ୍ତି।

ଭାପୁର ବ୍ଲକରେ ଗତ ସପ୍ତାହରେ ହୋଇଥିବା ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ ଭାପୁର ବିଡିଓ ତାଙ୍କ ବିନା ଦସ୍ତଖତରେ ବିନା କାମରେ ଫଲ୍ସ ବିଲ ପ୍ରଦାନ କରିଥିବା ଗୁରୁତର ଅଭିଯୋଗ କରିଥିଲେ। ଏହି ଫାଇଲ ତାଙ୍କୁ ବିଡିଓ ଦେଖାଉନାହାନ୍ତି ବୋଲି ଲିଖିତ ଅଭିଯୋଗ କରିଥିଲେ।



ଜିଲ୍ଲାପାଳ ତିନିଦିନ ମଧ୍ୟରେ ଏହି ଫାଇଲ ଅଧ୍ୟକ୍ଷାଙ୍କୁ ଦେବାକୁ ବିଡିଓଙ୍କୁ ଲିଖିତ ନିର୍ଦ୍ଦେଶ ଦେଇଥିଲେ। ବିଡିଓଙ୍କ କ୍ଷମତା ବୃଦ୍ଧି କରିବା ଓ ବ୍ଲକ ଅଧ୍ୟକ୍ଷ, ଅଧ୍ୟକ୍ଷାଙ୍କ କ୍ଷମତା ସଂକୁଚିତ କରିବା ପାଇଁ ଏମଏଲଏ ଓ ଏମପି ଲ୍ୟାଡ ଭଳି ଟଙ୍କାର ବ୍ୟୟ ସମୟରେ ବ୍ଲକ ଅଧ୍ୟକ୍ଷଙ୍କ ଦସ୍ତଖତ ଆବଶ୍ୟକ ନାହିଁ ବୋଲି ରାଜ୍ୟ ସରକାର ବିଧାନସଭାରେ ବିଧେୟକ ଆଣି ଦୁର୍ନୀତିକୁ ପ୍ରୋତ୍ସାହିତ କରୁଛନ୍ତି। ମାତ୍ର ଅନେକ କାର୍ଯ୍ୟର ବିଲ୍ ବର୍ତ୍ତମାନ ବି ଅଧ୍ୟକ୍ଷଙ୍କ ବିନା ଦସ୍ତଖତରେ ପୈଠ ହୋଇପାରିବ ନାହିଁ ବୋଲି ନିୟମ ରହିଛି। ଯେପରି ଅର୍ଥ କମିଶନଙ୍କ ଟଙ୍କାର କାର୍ଯ୍ୟ। ଭାପୁର ବ୍ଲକରେ ୧୫ଶ ଅର୍ଥ କମିଶନଙ୍କ ଅର୍ଥରେ ଅନେକ କାର୍ଯ୍ୟ ହୋଇଛି ଓ ହେଉଛି। ମାତ୍ର ଏହି ଫାଇଲ ବ୍ଲକ ଅଧ୍ୟକ୍ଷାଙ୍କ ଅଗୋଚରରେ ଓ ବିନା ଦସ୍ତଖତରେ ବିଲ୍ ପୈଠ ହୋଇଛି ବୋଲି ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ ଜିଲ୍ଲାପାଳ ମଧୁମିତା ରଥଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହା ବିଡିଓ ସାରଦା ପ୍ରସନ୍ନ ପଣ୍ଡାଙ୍କ ଦୁର୍ନୀତିଖୋର ମନୋବୃତ୍ତିର ପ୍ରମାଣ ବୋଲି ସେ ଅଭିଯୋଗ କରିଥିଲେ। ସେ ଫାଇଲ ଦେଖିବାକୁ ମାଗିଲେ ମଧ୍ୟ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଦେଉନାହାନ୍ତି। ଏହି ଫାଇଲ ନ ଦେବାକୁ ସେମାନଙ୍କୁ ବିଡିଓଙ୍କ ନିର୍ଦ୍ଦେଶ ଥିବା କହୁଛନ୍ତି। ଯଦି ଫାଇଲରେ ଅଧ୍ୟକ୍ଷାଙ୍କ ଦସ୍ତଖତ ଆବଶ୍ୟକ ନାହିଁ ତେବେ ତାଙ୍କୁ ସରକାର ପ୍ରଦାନ କରିଥିବା ଡିସିବି ତାଙ୍କଠାରୁ ନେଇଯାଆନ୍ତୁ ବୋଲି ସେ ଜିଲ୍ଲାପାଳଙ୍କୁ କହିଥିଲେ। ଜିଲ୍ଲାପାଳ ଏହି ଅଭିଯୋଗ ପାଇବା ପରେ ତତ୍କାଳ ବିଡିଓଙ୍କୁ ଡାକି ୩ ଦିନ ମଧ୍ୟରେ ଉକ୍ତ ଫାଇଲଗୁଡ଼ିକୁ ବ୍ଲକ ଅଧ୍ୟକ୍ଷାଙ୍କୁ ଦେବାକୁ ନିର୍ଦ୍ଦେଶ ଦେବା ସହ ସମସ୍ତ ଉନ୍ନୟନ

### ୮ ଦିନ ପରେ ବି ହେଲାନି କାର୍ଯ୍ୟକାରୀ
### ଦଶପଲ୍ଲା ଜନଶୁଣାଣିରେ ଫେରାଦ

କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖିବାକୁ ମଧ୍ୟ କହିଥିଲେ। ହେଲେ ବିଡ଼ମ୍ବନାର ବିଷୟ ଯେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବିଡିଓ ଆଜିପର୍ଯ୍ୟନ୍ତ ପାଳନ କରିନାହାନ୍ତି। କାହା ବଳରେ ବିଡିଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଖୁଲମଖୁଲା ଅଣଦେଖା କରିବାକୁ ସାହସ କରିଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଦୁର୍ନୀତିରେ ଶାସକ ଦଳର ଆଶୀର୍ବାଦ ଓ ସହଯୋଗ ରହିଥିବା ଆଲୋଚନା ହେଉଛି। ଜଣେ ବିଡିଓ ଜିଲ୍ଲାପାଳଙ୍କ କ୍ଷମତାକୁ ଏପରି ଖୋଲାଖୋଲି ଚ୍ୟାଲେଞ୍ଜ ଦେବା ବୋଧହୁଏ ରାଜ୍ୟ ପ୍ରଶାସନିକ ବ୍ୟବସ୍ଥାରେ ପ୍ରଥମ ବୋଲି କୁହାଯାଉଛି।

## ● ଖୋଲିଲା ମା'ଭଗବତୀଙ୍କ ହୁଣ୍ଡି
# ମିଳିଲା ଅଳଙ୍କାର ସହ ୧ ଲକ୍ଷ ୭୭ ହଜାର ଟଙ୍କା



ବାଣପୁର,୧୬।୩ (ସମିସ) : ଭଗବତୀ କ୍ଷେତ୍ର ବାଣପୁରର ଆରାଧ୍ୟ ଦେବୀ ତଥା ରାଜ୍ୟର ଅନ୍ୟତମ ଶକ୍ତିପୀଠ ମା'ଭଗବତୀଙ୍କ ମନ୍ଦିରର ଭିତର ଦାନ ବାକ୍ସ ଦୀର୍ଘ ଚାରି ମାସ ବ୍ୟବଧାନ ପରେ ସୋମବାର ଖୋଲାଯାଇଛି। ଏହି ଦାନ ବାକ୍ସରୁ ଶ୍ରଦ୍ଧାଳୁ ମାନେ ଦାନ କରିଥିବା ମୋଟ ୧ ଲକ୍ଷ ୭୭ ହଜାର ୫୨୮ ଟଙ୍କା ସମେତ ୬୮୦ମିଲିଗ୍ରାମର ଦୁଇଟି ରୂପାର ଆଖି ଓ ୨୫୦ମିଲିଗ୍ରାମର ଗୋଟିଏ ରୂପାର ଝୁମ୍ପା ଆଦି ଅଳଙ୍କାର ମିଳିଛି। ଶ୍ରୀ ଦକ୍ଷେଶ୍ୱର ଭଗବତୀ ଏଣ୍ଡାଓମେଣ୍ଟ ସଭାପତି ତଥା ବାଣପୁର ତହସିଲଦାର ଟି. ପଦ୍ମନାଭ ଦୋରାଙ୍କ ଉପସ୍ଥିତିରେ ପରିଚାଳନା କମିଟିର ସଦସ୍ୟ ବାଣପୁର ବିଡ଼ିଓ ବିକାଶ କୁମାର ମହାନ୍ତି, ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତା, ଏଣ୍ଡାଓମେଣ୍ଟର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସଙ୍କ ସମେତ ମନ୍ଦିର କର୍ମଚାରୀ ସୁରେନ୍ଦ୍ର କୁମାର ସାହୁ, କମଳ କୁମାର ମିଶ୍ର, ଅଶ୍ୱିନି କୁମାର ମିଶ୍ର, ଅକ୍ଷୟ କୁମାର ମିଶ୍ର ଓ ସେବାୟତ ମାନଙ୍କ ଉପସ୍ଥିତରେ ମା'ଙ୍କ ନିକଟରେ ପୂଜାର୍ଚ୍ଚନା ପରେ ହୁଣ୍ଡି ଖୋଲା ଯାଇଥିଲା। ପୂର୍ବରୁ ବିଗତ ବର୍ଷରେ ମା'ଙ୍କର ଭିତର ଓ ବାହାର ଦୁଇଟି ହୁଣ୍ଡିକୁ ଖୋଲା ଯାଇ ସେଥିରୁ ମିଳିଥିବା ସମସ୍ତ ଦାନ ଟଙ୍କା ଓ ଅଳଙ୍କାରକୁ ବ୍ୟାଙ୍କରେ ଜମା କରାଯାଇଥିଲା। ଏବେ ମା'ଙ୍କର ମନ୍ଦିର ଭିତର ହୁଣ୍ଡିରୁ ବାହାରିଥିବା ସମସ୍ତ ଟଙ୍କା ସ୍ଥାନୀୟ ୟୁକୋ ବ୍ୟାଙ୍କରେ ଜମା ରଖାଯାଇଛି। ଯାହା ମା'ଙ୍କ ନୀତିକାନ୍ତି ଓ ସେବା କାର୍ଯ୍ୟରେ ବିନିଯୋଗ କରାଯିବ ବୋଲି ମନ୍ଦିର ପରିଚାଳନା କମିଟି ତରଫରୁ ସୂଚନା ମିଳିଛି।

# 'ପଦ୍ମଜ ଓଡ଼ିଆ ସାହିତ୍ୟର ଦିଗବାରେଣୀ ଖୁଣ୍ଟି'

ଖୋର୍ଦ୍ଧା,୧୬।୩ (ସମିସ):

ସ୍ଥାନୀୟ ଜୟୀରାଜଗୁରୁ ଟାଉନହଲ ପରିସରରେ ଚର୍ଯ୍ୟାୟୁଧ ଫାଉଣ୍ଡେସନ ପକ୍ଷରୁ ପ୍ରଖ୍ୟାତ ଔପନ୍ୟାସିକ ଡ. ପଦ୍ମଜ ପାଳଙ୍କ ୮୦ତମ ଜନ୍ମଦିବସ ଅବସରରେ ପଦ୍ମଜ ଉତ୍ସବ ଅନୁଷ୍ଠିତ ହୋଇଛି। ଚର୍ଯ୍ୟାୟୁଧର ସଭାପତି ଅଭିଷେକ ସିଂ ସାମନ୍ତଙ୍କ ସଭାପତିତ୍ୱରେ ଉଦଘାଟକ ଭାବେ ବିଶିଷ୍ଟ ନାଟ୍ୟକାର ପ୍ରଫେସର ରମେଶ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ପଦ୍ମଜ ପାଳଙ୍କ ସାହିତ୍ୟକୃତି ସମ୍ପର୍କରେ ଆଲୋଚନା କରି ସାମ୍ପ୍ରତିକ ସମୟରେ ଲେଖକମାନଙ୍କର ଦାୟିତ୍ୱବଦ୍ଧତା ସମ୍ପର୍କରେ ସୂଚନା ଦେବା ସହ ପଦ୍ମଜ ପାଳ ଓଡ଼ିଆ ସାହିତ୍ୟର ଦିଗବାରେଣୀ ଖୁଣ୍ଟ ବୋଲି କହିଥିଲେ। ବିଶିଷ୍ଟ ଅତିଥିଭାବେ ପ୍ରଖ୍ୟାତ ଭାଷାବିତ ଓ ସମାଲୋଚକ ପ୍ରଫେସର ନଟବର ଶତପଥୀ ଯୋଗଦେଇ ପଦ୍ମଜ ପାଳଙ୍କ କଥା ସାମ୍ରାଜ୍ୟ ସମ୍ପର୍କରେ ବକ୍ତବ୍ୟ ଦେବା ସହ ଲେଖକମାନଙ୍କର ପ୍ରତିବଦ୍ଧତା ଓ ଦୃଷ୍ଟିକୋଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଫେସର ରମେଶ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ପ୍ରତି ଲେଖକ ଜଣେ ସ୍ୱାଧୀନଚେତା ମଣିଷ। ଭୂମିରୁ ଭୂମା ପର୍ଯ୍ୟନ୍ତ ତା'ର ବ୍ୟାପ୍ତି। ପଦ୍ମଜ ପାଳଙ୍କ ଗଳ୍ପ ଓ ଉପନ୍ୟାସରେ ଦୁଃଖ ଭୋଗୁଥିବା ମଣିଷର କଥା ସହ ସାମ୍ପ୍ରତିକ ସମୟର ଜାଗତିକ ସମସ୍ୟା ଓ ମଣିଷର ବିବିଧ ଦୃଷ୍ଟିକୋଣ କିପରି ପ୍ରତିଫଳିତ ହୋଇଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଫେସର ନଟବର ଶତପଥୀ ନିଜ ବକ୍ତବ୍ୟରେ କହିଲେ ଯେ ଗାଳ୍ପିକମାନେ ଗଳ୍ପଭୂମିର ଐତିହ୍ୟ ଓ ସାଂସ୍କୃତିକ ଜୀବନକୁ ନେଇ ଗଳ୍ପ




ରଚନା କରିବା ଆବଶ୍ୟକ ବୋଲି କହିଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶ୍ରେଷ୍ଠ ପ୍ରକାଶକ ବନୋଜ ତ୍ରିପାଠୀ ପଦ୍ମଜଙ୍କୁ ଓଡ଼ିଆ ସାହିତ୍ୟର ଦିଗବାରେଣୀ ଖୁଁଟି ବୋଲି କହିଥିଲେ। ମଞ୍ଚରେ ସ୍ୱତନ୍ତ୍ର ଅତିଥିଭାବେ ଉପସ୍ଥିତ ବିଶିଷ୍ଟ କଥାକାର ପଦ୍ମଜ ପାଳ କହିଲେ ପ୍ରତ୍ୟେକ ଲେଖକ ସ୍ୱତନ୍ତ୍ର। ସେ କାହାଦ୍ୱାରା ପ୍ରଭାବିତ ଆବଶ୍ୟକ ନୁହେଁ। ଲେଖକ ନିଜ ମଧ୍ୟରେ ନିଜକୁ ଆବିଷ୍କାର କରିବା ଆବଶ୍ୟକ ଓ ନିଜକୁ ଅତିକ୍ରମ କରିପାରିଲେ ତାହା ଯଥାର୍ଥ ସାହିତ୍ୟ ଭାବେ ପରିଗଣିତ ହୋଇପାରିବ। ଏହାପରେ ପକ୍ଷୀଘର ଦ୍ୱାରା ପ୍ରକାଶିତ ପଦ୍ମଜ ପାଳଙ୍କ ରଚିତ ଉପନ୍ୟାସ "ଗୋଟିଏ କଳା ଦାମୁଡ଼ିର ଜୀବନ ମୃତ୍ୟୁ ରହସ୍ୟ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏହି ଅବସରରେ ଚଳିତ ବର୍ଷର ଖୋର୍ଦ୍ଧା ସମ୍ପଦ ସମ୍ମାନ ଖୋର୍ଦ୍ଧାର ବିଶିଷ୍ଟ ଚିକିତ୍ସକ ଓ ସାହିତ୍ୟିକ ଡାକ୍ତର ଇନ୍ଦ୍ରମଣି ଜେନାଙ୍କୁ ଅତିଥିମାନେ ପ୍ରଦାନ କରିଥିଲେ। ସେହିପରି ସାହିତ୍ୟିକା ଗୋଲାପ ମଞ୍ଜରୀ କରଙ୍କୁ ପଦ୍ମଜ ସାହିତ୍ୟ ସମ୍ମାନ ଓ ଯୁବ ଲେଖକ ସୁମିତ ପଣ୍ଡାଙ୍କୁ ଚଳିତ ବର୍ଷର ପଦ୍ମଜ ପ୍ରତୀକ ସମ୍ମାନ ପ୍ରଦାନ କରାଯାଇଥିଲା।

### ଖୋର୍ଦ୍ଧାରେ ପଦ୍ମଜ ସାହିତ୍ୟ ଉତ୍ସବ

ପରେ ମଂଚ ରେ ନାଟ୍ୟଗ୍ରାମର ବିଶିଷ୍ଟ ଅଭିନେତ୍ରୀ ସୁଜାତା ପ୍ରିୟମ୍ବଦାଙ୍କ ଦ୍ୱାରା ପଦ୍ମଜ ପାଳଙ୍କ ବହୁ ଚର୍ଚ୍ଚିତ ଗଳ୍ପ ନମିତା ପାଇଁ ଗୋଟିଏ ସମ୍ବାଦର ନାଟ୍ୟରୂପ ଉପସ୍ଥାପନା ଖୁବ ଆକର୍ଷଣୀୟ ଥିଲା। ଏହାପରେ ଚର୍ଯ୍ୟାୟୁଧର ସମ୍ପାଦିକା ସବିତା ପାଳଙ୍କ ସମେତ ଅନ୍ୟ ଅତିଥିମାନେ ଅଭିନେତ୍ରୀ ସୁଜାତା ପ୍ରିୟମ୍ବଦା, ମଂଚ ସଂଚାଳିକା ମିତା ପଟ୍ଟନାୟକ, ଗାଳ୍ପିକ ଡକ୍ଟର ନିରଞ୍ଜନ ମହାନ୍ତି, ଗବେଷିକା ପ୍ରଜ୍ଞାଶା ପଟ୍ଟନାୟକ ଓ ବନୋଜ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ବିଶିଷ୍ଟ ଗାଳ୍ପିକା ସରୋଜିନୀ ସାହୁ, ଡ. ହିରଣ୍ମୟୀ ମିଶ୍ର, ଆର୍ଯ୍ୟ ଯଜ୍ଞଦତ, ପ୍ରକାଶ ମହାପାତ୍ର, ସରୋଜ ବଳ, ଜୟନ୍ତୀ ରଥ, ପ୍ରବୀଣା ମହାନ୍ତି, ଡକ୍ଟର ଆଶୁତୋଷ ମିଶ୍ର, କାମଦେବ ମହାରଣା, ଡ. ବାସୁଦେବ କର, ଡକ୍ଟର ସୁବ୍ରତ ସେନାପତି, ଡ. ସୁରେଶ ଛୋଟରାୟ, ବିଭୁ ହୋତା, ସତ୍ୟବାଦୀ ବଳିୟାରସିଂହ, କ୍ୟାପଟେନ ଡକ୍ଟର ମିନତୀ ପଟ୍ଟନାୟକ, ଗୋପାଳକୃଷ୍ଣ ଦାସ, ବିଶ୍ୱନାଥ ମହାପାତ୍ର, ଶୁଭ୍ରାଂଶୁ ବିଶ୍ୱାଳ, ରୋଜାଲିନ ମହାରଣା, ଅମୀୟ ପଣ୍ଡା, ଡ. ଶଶୀରଥଙ୍କ ସମେତ ଦୁଇଶହରୁ ଉର୍ଦ୍ଧ୍ୱ ସାହିତ୍ୟିକ ଉପସ୍ଥିତ ଥିଲେ। ମଞ୍ଚ ସଂଚାଳିକା ମିତା ପଟ୍ଟନାୟକ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ବିଶିଷ୍ଟ କଥାକାର ତପନ କୁମାର ମହାପାତ୍ର ପଦ୍ମଜ ଉତ୍ସବ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।

# ବଉଳାବନ୍ଧରେ ଏକାଦଶ ଦୋଳ ମେଳଣ

ଚିଲିକା,୧୬।୩ (ସମିସ):



ପ୍ରତିବର୍ଷ ପରି ଚଳିତ ବର୍ଷ ଚିଲିକା ବ୍ଲକ ଅନ୍ତର୍ଗତ ବଉଳାବନ୍ଧ ଗ୍ରାମଠାରେ ଆଜକୁ ୪୬ ବର୍ଷ ଧରି ଏକାଦଶ ଦୋଳ ମେଳଣ ଅନୁଷ୍ଠିତ ହେଉଛି। ଦଶମୀ ଦିନ ରାତ୍ରୀରେ ବଉଳାବନ୍ଧ ଗ୍ରାମର ବିଭିନ୍ନ ସାହିରୁ ଠାକୁରମାନଙ୍କୁ ଗ୍ରାମବାସୀମାନେ ସୁସଜ୍ଜିତ ବିମାନରେ ଘଣ୍ଟ, କାହାଳୀ, ମୃଦଙ୍ଗ ବଜାଇ ଓ ଆତସବାଜୀ ଫୁଟାଇ ପାଟ ପଟୁଆରରେ ଦୋଳପଡ଼ିଆକୁ ଆଣିଥିଲେ। ଏକାଦଶ ଦୋଳର ପୀଠ ଦେବତା ବାଲୁଙ୍କେଶ୍ୱର ଦେବ ବିଜେ କରିବା ପରେ ତାଙ୍କ ଆମନ୍ତ୍ରଣ କ୍ରମେ ପାଟଣା ସାହିର ରଘୁନାଥ ଦେବ ଓ ଲକ୍ଷ୍ମୀନାରାୟଣ ଦେବ, ମଙ୍ଗରାଜପୁରର ବୃନ୍ଦାବନଚନ୍ଦ୍ର ଦେବ ଓ ଶ୍ୟାମ ଚାନ୍ଦ ଦେବ, ଦଶହରିଆର ମଦନ ମୋହନ ଦେବ, ରଘୁନାଥପୁର ଶାସନର ପତିତ ପାବନ ଦେବ, ଦାଶରଥୀପୁର ଶାସନର ଗୋପୀନାଥ ଦେବ , ବଜରମୂଳିର ଶ୍ରୀଶ୍ରୀଚୈତନ ଦେବ ଓ କାଠି ଠାକୁରାଣୀ ମା'ଭଗବତୀ ଦେବୀ ପ୍ରମୁଖ ଠାକୁରମାନେ ସ୍ୱ ବିମାନରେ ଦୋଳ ପଡିଆ କୁ ଆସି ନିଜନିଜ ଆସନରେ ବିଜେ କରିଥିଲେ। ଏକାଦଶୀ ଦିନ ଠାକୁରମାନଙ୍କ ପାଖରେ ହୋମ ହେବା ପରେ ଭୋଗ କରାଯାଇଥିଲା। ସଂଧ୍ୟା ସମୟରେ ମେଳଣ ଅନୁଷ୍ଠିତ ହୋଇଥିଲା। ଏହାପରେ ଠାକୁରମାନେ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ବଉଳାବନ୍ଧ ବଜାରଠାରେ ପୀଠ ଦେବତା ବାଲୁଙ୍କେଶ୍ୱର ଦେବ ଚଳିତ ବର୍ଷ ପାଇଁ ସମସ୍ତ ଠାକୁରମାନଙ୍କୁ ବିଦାୟ ଦେଇ ଓ ଆଗାମୀ ବର୍ଷ ଯାତ୍ରାରେ ଯୋଗ ଦେବାପାଇଁ ଶୁଭେଚ୍ଛା ଜଣାଇବା ସହ ସ୍ୱମନ୍ଦିର ଅଭିମୁଖେ ପ୍ରସ୍ଥାନ କରିଥିଲେ। ଉକ୍ତ ଯାତ୍ରାରେ ପ୍ରାୟ କୋଡିଏ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇ ଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନାଚୁଣୀ ଥାନା ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ମେଳଣ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିବାରୁ ବଉଳାବନ୍ଧ ସରପଞ୍ଚଙ୍କ ପ୍ରତିନିଧି ବିଜୟ କୁମାର ବେହେରା ଓ ନାଏବ ସରପଞ୍ଚ ନରେନ କୁମାର ପଲାଇ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି।

## କନିଷ୍ଠ କିରାଣି ମନ୍ମଥ ପ୍ରକାଶଙ୍କ ସ୍ମୃତିସଭା

ବେଗୁନିଆ,୧୬।୩ (ସମିସ): ବେଗୁନିଆ ସଦର ମହକୁମାସ୍ଥିତ ନୂଆସାହି ସ୍ଥିତ ବାସ ଭବନ ପରିସରରେ ବାଣପୁର ଗୋଦାବରୀଶ ସରକାରୀ ଉଚ୍ଚ ବିଦ୍ୟାଳୟର କନିଷ୍ଠ କିରାଣି ସ୍ୱର୍ଗତ ମନ୍ମଥ ପ୍ରକାଶ ବାହୁବଳେନ୍ଦ୍ରଙ୍କ ଏକାଦଶାହ ଅବସରରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଛି। ଶିକ୍ଷକ ନେତା ରବୀନ୍ଦ୍ର ନାଥ ସାହୁ, ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ସେଠୀ, ଶିକ୍ଷକ ମାନସ କୁମାର ବେହେରା, ସରୋଜ ବେହେରା,ପୁଲକ୍ କୁମାର ସାହୁ, ସୂର୍ଯ୍ୟନାରାୟଣ ପଣ୍ଡା, ଶିକ୍ଷାବିତ୍ ମନ ମୋହନ ମିଶ୍ର, ସୂର୍ଯ୍ୟକାନ୍ତ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବସନ୍ତ କୁମାର ସାହୁ ଓ ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାର ସିଂହଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଯୋଗ ଦେଇ ସ୍ମୃତି ଚାରଣ କରିଥିଲେ। ସାନ ଭାଇ ଓମ ପ୍ରକାଶ ବାହୁ ବଳେନ୍ଦ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କାବୁ ହେଲା ରକ୍ତମୁଖା ହନୁ

ନିରାକାରପୁର, ୧୬।୩ (ସମିସ) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳରେ ଦୀର୍ଘ ଦିନ ଧରି ଚାଲିଥିବା ମାଙ୍କଡ଼ ଆତଙ୍କରେ ଶେଷରେ ବିରାମ ଲାଗିଛି। ୩୦ରୁ ଅଧିକ ଲୋକଙ୍କୁ କାମୁଡ଼ି ରକ୍ତାକ୍ତ କରିଥିବା ଏକ ହିଂସ୍ର ରକ୍ତମୁଖା ହନୁ ମାଙ୍କଡ଼କୁ ଆଜି ବନ ବିଭାଗ କାବୁ କରିଛି।



ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ବନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଅପରେସନ ଆରମ୍ଭ ହୋଇଥିଲା। ନିରାକାରପୁର ନରେନ୍ଦ୍ରପୁର ସାହି ନିକଟସ୍ଥ ଏକ ଚାଷ ଜମିରେ ମାଙ୍କଡ଼ଟି ଥିବା ନେଇ ବନ ବିଭାଗ ସୂଚନା ପାଇଥିଲା। ଫରେଷ୍ଟର ଦୁଃଶାସନ ନାୟକଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଟ୍ରାଙ୍କୁଲାଇଜର (ନିଶା ଗୁଳି) ପ୍ରୟୋଗ କରି ମାଙ୍କଡ଼କୁ ଅଚେତ କରିଥିଲେ। ମାଙ୍କଡ଼ଟି ଅଚେତ ହେବା ପରେ ତାକୁ ଏକ ସୁରକ୍ଷିତ ବସ୍ତାରେ ଭର୍ତ୍ତି କରି ଟାଙ୍ଗୀ ବନାଞ୍ଚଳ କାର୍ଯ୍ୟାଳୟକୁ ନିଆଯାଇଛି। ଟାଙ୍ଗୀ ବନାଞ୍ଚଳ ଅଧିକାରୀ ତଥା ଏସିଏଫ ଦେବାଶିଷ ଭୋଇ କହିଛନ୍ତି ଯେ, ଧରାଯାଇଥିବା ମାଙ୍କଡ଼ଟିକୁ ବର୍ତ୍ତମାନ ହେପାଜତରେ ରଖାଯାଇଛି। ପ୍ରଥମେ ତା'ର ଆବଶ୍ୟକୀୟ ଚିକିତ୍ସା କରାଯିବ ଏବଂ ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ତାକୁ କୌଣସି ଏକ ସୁରକ୍ଷିତ ପ୍ରାକୃତିକ ଜଙ୍ଗଲରେ ଛାଡ଼ି ଦିଆଯିବ।

## ଦେଉଳଟାଙ୍ଗି କ୍ରିକେଟ : କଲ୍ୟାଣପୁର ଓ ସୁଆଙ୍ଗ ବିଜୟୀ

ଖୋର୍ଦ୍ଧା,୧୬।୩(ସମିସ): ଦେଉଳଟାଙ୍ଗି ମା' ବଘେଇ କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟଦିବସର ପ୍ରଥମ ମ୍ୟାଚ୍ କଲ୍ୟାଣପୁର ଓ କୁରାଡମଲ୍ଲ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା ପ୍ରଥମେ କଲ୍ୟାଣପୁର ଦଳ ବ୍ୟାଟିଂ କରି ୧୫ ଓଭର ଖେଳି ୪ ୱିକେଟ୍ ବିନିମୟରେ ୧୭୪ ରନ୍ କରିଥିଲା। ଜବାବରେ କୁରାଡମଲ୍ଲ ଦଳ ଓଭର ଖେଳି ୯ ୱିକେଟ ହରାଇ ୧୬୮ ରନ୍ କରିଥିଲା। ଫଳରେ କଲ୍ୟାଣପୁର ଦଳ ୬ ରନରେ ବିଜୟୀ ହୋଇଥିଲା। ଦଳ ତରଫରୁ ଜଗତପ୍ରିୟ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚଟି ତମାଣ୍ଡୋ ଓ ସୁଆଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ତମାଣ୍ଡୋ ଦଳ ୧୩.୧ ଓଭର ଖେଳି ସମସ୍ତ ୱିକେଟ ବିନିମୟରେ ୯୭ ରନ କରିଥିଲା। ଜବାବରେ ସୁଆଙ୍ଗ ଦଳ ୧୦.୧ ଓଭର ଖେଳି ୪ ୱିକେଟ ବିନିମୟରେ ୧୦୦ ରନ କରି ବିଜୟୀ ହୋଇଛି। ସୁଆଙ୍ଗ ଦଳ ତରଫରୁ ବିଶ୍ୱଜିତ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳକୁ ଗୋପିନାଥ ମାଝି ଓ ୫ଜ ସାମନ୍ତରାୟ ପରିଚାଳନା କରିଥିବାବେଳେ ସ୍କୋରର ସୋମନାଥ ଦଳାଇ ଓ ଭାଷ୍ୟକାର ଆଶୁତୋଷ ମହାପାତ୍ର ରହିଥିଲେ। ଅତିଥି ଭାବେ କାଇପଦର ସେବା ସମବାୟ ସମିତିର ସମ୍ପାଦକ କୈଳାସ ଚନ୍ଦ୍ର ଶ୍ରୀଚନ୍ଦନ, ନାଏବ ସରପଞ୍ଚ ସମ୍ୟରଞ୍ଜନ ସ୍ୱାଇଁ, ବିଭୂଷ କୁମାର ପ୍ରଧାନ, ମଦନମୋହନ ସ୍ୱାଇଁ, ବିପିନ ମହାପାତ୍ର, ଆଶୁତୋଷ ମାଝି, ଗିରିଜା ବଲ୍ଲଭ ମାଝି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଜଟଣୀ ପ୍ରେସ୍ କ୍ଲବର ବୈଠକ



ଜଟଣୀ,୧୬।୩ (ସମିସ): ଜଟଣୀ ବ୍ଲକ କୁସୁମାଟି ଗ୍ରାମସ୍ଥ ବାବା ଗତିଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ପ୍ରେସ କ୍ଲବ ଜଟଣୀ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ବରିଷ୍ଠ ସାମ୍ବାଦିକ ରବି ସ୍ୱାଇଁଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ପ୍ରେସ କ୍ଲବର ସଭାପତି ସାମ୍ବାଦିକ ରବିନ୍ଦ୍ରନାଥ ମହାକୁଡ଼ ସଭାପତିତ୍ୱ କରିଥିଲା ବେଳେ ସମ୍ପାଦକ ସୁରେଶ ମହାରଣା ବୈଠକ ପରିଚାଳନା କରିଥିଲେ। ସାମ୍ବାଦିକ ସଂଗ୍ରାମ ହୋତା ବୈଠକର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ପ୍ରାକୃତିକ ପରିବେଶ ସୃଷ୍ଟି ଏବଂ ଉତ୍ତରପୁରୁଷଙ୍କ ସୁସ୍ଥ ଜୀବନ ପାଇଁ ବୃକ୍ଷ ରୋପଣ କରିବା, ଜଙ୍ଗଲ ସୃଷ୍ଟି କରିବା, ପଲିଥିନ ବର୍ଜନ, ଧୂଆଁ ଧୂଳି ଉତ୍ପନ୍ନ କରୁଥିବା କାର୍ଯ୍ୟର ମାତ୍ରାକୁ ହ୍ରାସ କରିବା ଅପରିହାର୍ଯ୍ୟ ହୋଇପଡ଼ିଥିଲା ବେଳେ ଏହାର ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସମସ୍ତେ ଏକାଠି ହୋଇଥିଲେ। ବରିଷ୍ଠ ସାମ୍ବାଦିକ ଶ୍ରୀକାନ୍ତ ପରିଜା, ହୃଦାନନ୍ଦ କୋଦମାସିଂହ, ଅମରେଶ ରାଉତରାୟ, ଲଳିତ ମହାରଣା, ଶୁଭ୍ରାଂଶୁ ଭଟ୍ଟାଚାର୍ଯ୍ୟ, ବିଶ୍ୱଜିତ ସାମନ୍ତରାୟ, ବିଟୁ ମହେଶ, ଶୁଭେନ୍ଦ୍ର ଶତପଥି, ନୀଳାମ୍ବର ମିଶ୍ର, ହରିହର ସ୍ୱାଇଁ , ସଂଜୀବ କୁମାର, ଗୌତମ ମହାରଣା, ଏମ. ଡି. ଫଜଲୁର, ଏମ. ଡି.ଇସ୍ମାଇଲ ଅଲି, ମହମ୍ମଦ ଅତିକ, ଲକ୍ଷ୍ମୀଧର ମହାକୁଡ଼ଙ୍କ ସହ ପ୍ରେସ କ୍ଲବର ସମସ୍ତ ସାମ୍ବାଦିକ ଯୋଗଦେଇଥିଲେ।

## ଓଲସିଂହରେ ବାରଦୋଳ ଯାତ୍ରା

ନିରାକାରପୁର,୧୬।୩ (ସମିସ): ଖୋର୍ଦ୍ଧା ଜିଲ୍ଲା ଓଲସିଂହ ଗ୍ରାମରେ ପାରମ୍ପରିକ ବାରଦୋଳ ଯାତ୍ରା ଅନୁଷ୍ଠିତ ହେଉଛି। ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା ଗତକାଲି ସନ୍ଧ୍ୟାରେ ଠାକୁରମାନେ ଅତ୍ୟନ୍ତ ମନୋରମ ଭାବେ ସୁସଜ୍ଜିତ ହୋଇଥିବା ବିମାନରେ ବିଜେ କରିଥିଲେ। ଏକ ବିରାଟ ଶୋଭାଯାତ୍ରା ବା ପଟୁଆରରେ ମହାପ୍ରଭୁଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ପରିକ୍ରମା ଶେଷରେ ଠାକୁରମାନେ ନିଜ ନିଜ ଆସ୍ଥାନରେ ବିଜେ କରିଛନ୍ତି। ପରମ୍ପରା ରକ୍ଷା କରି ଚାଲିଆସୁଥିବା ଏହି ବାରଦୋଳ ଯାତ୍ରାକୁ ଉପଭୋଗ କରିବା ପାଇଁ ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ଲୋକଙ୍କ ମନୋରଞ୍ଜନ ତଥା ଓଡ଼ିଶାର କଳା ଓ ସଂସ୍କୃତିର ପ୍ରଚାର ପାଇଁ ବାରଦୋଳ ଯାତ୍ରା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

## ଶିକ୍ଷା ଉପକରଣ ବଣ୍ଟନ କାର୍ଯ୍ୟକ୍ରମ




ନିରାକାରପୁର, ୧୬।୩ (ସମିସ) ଖୋର୍ଦ୍ଧା ଜିଲ୍ଲା ମଳିପଡା ସ୍ଥିତ ଅଗ୍ରଣୀ ଶିକ୍ଷା ନୁଷ୍ଠାନ ମୋହନଲାଲ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କୁ ଶିକ୍ଷା ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମନୋଜ୍ଞା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଫେସର ଲକ୍ଷ୍ମୀଧର ଶ୍ରୀଚନ୍ଦନ, ବୈକୁଣ୍ଠ ପାତଳାସିଂହ, ଷ୍ଟଡିକାର୍ଡର ପରିଚାଳନା ନିର୍ଦ୍ଦେଶକ ପ୍ରକାଶ ରାଉତରାୟ, ହିସାବ ନିରୀକ୍ଷକ ପ୍ରଭାକର ପୃଷ୍ଟି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ଶିକ୍ଷୟିତ୍ରୀ ସୁଶ୍ରୀ ବଡଜେନା ଧନ୍ୟବାଦ ଅର୍ପଣ କରିଥିଲେ।


## ଦିବାରାତ୍ର କ୍ରିକେଟ; ସାରୁଅ କ୍ରିକେଟ କ୍ଲବ ଚାମ୍ପିଅନ



ବେଗୁନିଆ,୧୬।୩ (ସମିସ) : ବେଗୁନିଆ ବ୍ଲକ ଅନ୍ତର୍ଗତ ସାରୁଅ ଗ୍ରାମର ମା ଗହୀର ବଘେଇ କ୍ରିକେଟ ଆସୋସିଏସନ୍ ପକ୍ଷରୁ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଦିନ ରାତ୍ରରେ ଉଦଯାପିତ ହୋଇଛି। ଏଥିରେ ୮ ଗୋଟି ଦଳ ପତନୀବର୍, ତୁଳସୀପୁର, କୁଶପଲା, ଚଟୁଆ, ଜାଗୁଲେଇପାଟଣା, ପୋଡ଼ାଡିହ, ସାରୁଅ ଓ କେରଙ୍ଗ ଅଂଶ ଗ୍ରହଣ କରିଥିଲେ। ତେବେ ଫାଇନାଲ ମ୍ୟାଚ ସାରୁଅ ଓ କୁଶପଲା ଦଳ ମଧ୍ୟରେ ଖେଳ ହୋଇଥିଲା। ପ୍ରଥମେ ସାରୁଅ ଦଳ ଟସ୍ ଜିତି ବ୍ୟାଟିଂ କରି ୧୨ ଓଭର ବିଶିଷ୍ଟ ଖେଳରେ ୭ ଉଇକେଟ୍ ବିନିମୟରେ ୧୬୪ ରନ ସଂଗ୍ରହ କରିଥିବା ବେଳେ କୁଶପଲ୍ଲା ଦଳ ବିଜୟ ଲକ୍ଷ୍ୟରେ ବ୍ୟାଟିଂ କରି ୧୫୦ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଖେଳକୁ ସୁମନ୍ତ ପଟ୍ଟନାୟକ, ପ୍ରତାପ ବଳବନ୍ତରାୟ ଓ ରାଜେଶ ସୁବୁଦ୍ଧି ପରିଚାଳନା କରିଥିବା ବେଳେ କାର୍ତ୍ତିକ ପ୍ରଧାନ ଆଲୋକ ବେହେରା ଓ ସତ୍ୟ ରଞ୍ଜନ ସେଠୀଙ୍କ ସମେତ କମିଟି ସଦସ୍ୟ ସହଯୋଗ କରିଥିଲେ। ପୁରସ୍କାର ବିତରଣ ସଭାରେ ସ୍ଥାନୀୟ ସରପଞ୍ଚ ରଞ୍ଜିତା ମହାଭୋଇ ଓ ପୂର୍ବତନ ସରପଞ୍ଚ ସୁଦର୍ଶନ ବେହେରା ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ଯଥାକ୍ରମେ ୧୨ ହଜାର ଟଙ୍କା ଓ ୮ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ।

# ଚେନ୍ନାଇକୁ ଦାଦନ ଖଟି ଯାଇ ଯୁବକ ନିଖୋଜ

## ସରକାରଙ୍କୁ ବୃଦ୍ଧ ପିତାମାତାଙ୍କ ଆକୁଳ ନିବେଦନ





ଟାଙ୍ଗୀ,୧୬।୩ (ସମିସ) : ଟାଙ୍ଗୀ ବ୍ଲକ ବଡପୋଖରିଆ ପଞ୍ଚାୟତ ନୀଳଗିରିପାଟଣା ଆଦିବାସୀ ସାହିର ଭଞ୍ଜି ନାୟକ ଓ ତାଙ୍କ ସ୍ତ୍ରୀ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଯାଇ ଦେଢବର୍ଷ ହେଲା ନିଖୋଜ ଥିବା ପୁଅ ଦିପୁର ବାଟକୁ ଅନାଇ ବସିଛନ୍ତି ଉଭୟ ବୃଦ୍ଧ ପିତାମାତା। ଆର୍ଥିକ ସମ୍ବଳ କିଛି ନ ଥିବାରୁ ଗଣ୍ଡେ ଖାଇ ଦଣ୍ଡେ ଜିଇବା ଭଳି ଜୀବନ ଯାପନ କରୁଛନ୍ତି ଏହି ବୃଦ୍ଧ ଦମ୍ପତି। ଏକ ମାତ୍ର ଅପାଠୁଆ ପୁଅ ମୁଲ ମଜୁରୀ ବି ମିଳୁନଥିଲା। ତେଣୁ ଦୁଇ ଓଳି ଦୁଇମୁଠା ଖାଇବାକୁ ମିଳିବା ସମ୍ଭବ ହେଉନଥିଲା। ଏପରି ଏକ ଦୁର୍ଦ୍ଦିନ ସମୟରେ ସେମାନଙ୍କ ପାଖରେ ପହଁଚିଲେ ଜଣେ ଦଲାଲ ଶ୍ରମିକ ଠିକାଦାର ଅଜୁ। ଗରିବ ଆଦିବାସୀ ମାନେ ସାଧାରଣତଃ ସରଳ ବିଶ୍ୱାସୀ ତାକୁ ସେମାନେ ସହଜରେ ବିଶ୍ୱାସ କରିଗଲେ। ଚେନ୍ନାଇ ଯାଇ ଏକ କମ୍ପାନୀରେ କାମ କରାଇ ଦେଇ ଭଲ ପଇସା କମାଇବାର ବ୍ୟବସ୍ଥା କରିଦେବି ବୋଲି ପ୍ରଲୋଭନ ଦେଖାଇଥିଲା। ଭାସି ଗଲା ଲୋକର କୁଟା ଖିଅକୁ ଭରସା ଭଳି ଦଲାଲ ଅଜୁକୁ ବିଶ୍ୱାସ କରିଗଲେ ଏହି ନିରୀହ ପରିବାରକୁ। ପୁଅ ଦିପୁ ଚେନ୍ନାଇ ଯିବାକୁ ଅନିଚ୍ଛୁକ ଥିଲେ ମଧ୍ୟ ଘରର ଆର୍ଥିକ ଅବସ୍ଥାକୁ ଦୃଷ୍ଟିରେ ରଖି ସେ ଅଜୁ ସହିତ ଚେନ୍ନାଇ ଚାଲିଯାଇଥିଲା। ଦିପୁର ଶିକ୍ଷାଦୀକ୍ଷା ବିଶେଷ କିଛି ନଥିଲା ଏହାର ସୁଯୋଗ ନେଲା ଦଲାଲ ଅଜୁ। ଦିପୁ ରଖିଥିବା ମୋବାଇଲକୁ ଛଡାଇ ନେଲା ଠିକାଦାର ଅଜୁ। ଚେନ୍ନାଇ ଯିବାର ଇତି ମଧ୍ୟରେ ପ୍ରାୟ ଦେଢ଼ ବର୍ଷ ବିତିଗଲାଣି ହେଲେ ଥରେ ବି ପଇସା ପଠାଇବା ଦୂରର କଥା ତାର ଖୋଜ ଖବର କିଛି ନାହିଁ। ବୃଦ୍ଧ ଭଞ୍ଜି ନାୟକଙ୍କୁ ଠିକାଦାର ଅଜୁର ଠିକଣା ମଧ୍ୟ ଜଣା ନାହିଁ। ଦିପୁ ବି ଠିକାଦାରର ଠିକଣା ଜାଣେ ନାହିଁ। ଦାଦନ ଶ୍ରମିକଙ୍କ ପାଇଁ କଡା ଆଇନ ରହିଛି। ଶ୍ରମ ଅଫିସର ଅଛନ୍ତି। କିନ୍ତୁ ଏହା କେବଳ ସରକାରଙ୍କ କାଗଜ ପତ୍ରରେ ଓ ପ୍ରଚାରରେ ସୀମିତ। ଶ୍ରମ ଅଫିସରଙ୍କ ପାଖରେ ଠିକାଦାର ଓ ଦାଦନ ଶ୍ରମିକ ମାନଙ୍କ ସମସ୍ତ ତଥ୍ୟ ରହିବ। ଏହାକୁ ଖିଲାପ କଲେ କଠୋର ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି। ଏଯାବତ ଜଣେ ହେଲେ ଖିଲାପୀ ଠିକାଦାରଙ୍କୁ ଦଣ୍ଡିତ କରାଯାଇଥିବାର ନଜିର ନାହିଁ। ରାଜ୍ୟରେ କ୍ଷମତାକୁ ଆସିଥିବା ଲୋକଙ୍କ ସରକାର ରାଜ୍ୟରୁ ଆଉ ଦାଦନ ଖଟିବାକୁ କେହି ବାହାର ରାଜ୍ୟକୁ ଯିବେ ନାହିଁ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ତାହା ଏବେ ପାଣିରେ ଗାର ଟାଣିବା ସଦୃଶ ହୋଇଛି। ଉଭୟ ଶାରୀରିକ ଓ ଆର୍ଥିକ ଦୃଷ୍ଟିରୁ ଚରମ ନିର୍ଯାତନାର ଶୀକାର ହେଉଥିବା ଦିପୁ କୌଣସି ମତେ କାହା ପାଖକୁ ଯାଇ ସାମାଜିକ ଗଣମାଧ୍ୟମରେ ଜଣାଇବା ପରେ ଏହ ଘଟଣାର ସତ୍ୟାସତ୍ୟ ଲୋକଲୋଚନକୁ ଆସିଛି। ଏକ ମାତ୍ର ପୁଅର ଫେରିବା ବାଟକୁ ଚାହିଁ ଚାହିଁ ସେମାନେ କଙ୍କାଳ ସାର ହୋଇଗଲେଣି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି ତିନୋଟି ନିରୀହ ଜୀବନକୁ ଅକାଳ ମୃତ୍ୟୁ ମୁଖରୁ ରକ୍ଷା କରିବା ପାଇଁ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ତରଫରୁ ଦାବି କରାଯାଇଛି।

